

ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନ୍ୟନ୍ୟା ବାଙ୍ଗର

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-352 •BHUBANESWAR •FRIDAY •20 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୫୨ •ଭୁବନେଶ୍ୱର •ଶୁକ୍ରବାର •୨୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସେବା
ସୁଶାସନ
ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମ୍ପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀଯୁକ୍ତ ଜୁଏଲ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ‘ରେଡ୍ ଫ୍ଲାଗ’: ପାଳନ ହେଉନି ସରକାରଙ୍କ ଏସ୍‌ଓପି

ଭୁବନେଶ୍ୱର,୧୯ ।୬(ସମିସ): ସବୁ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍ ବର୍ଗରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ଜାତୀୟ ମହିଳା କମିଶନ, ଗଣମାଧ୍ୟମ ଚାପ ପଡ଼ିବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହ ରେଡ୍ ଫ୍ଲାଗ୍ ମାମଲା କରାଯାଉଛି। ମାତ୍ର ସବୁ ସମ୍ବେଦନଶୀଳ ମାମଲାରେ ରେଡ଼ ଫ୍ଲାଗ୍ କରାଯାଉ ନ ଥିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୋମବାର କେଉଁଝର ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲଶ। ଶୌଚ ପାଇଁ ଯାଇ ଘରକୁ ଫେରିନଥିବା ବେଳେ ନାବାଳିକାର ଝୁଲନ୍ତା ମୃତଦେହ ଜବତ ହୋଇଥିଲା। କିନ୍ତୁ ଏଭଳି ସମ୍ବେଦନଶୀଳ ମାମଲା ରେଡ଼ ଫ୍ଲାଗଭୁକ୍ତ ହେଲାନାହିଁ। ତେଣୁ କେଉଁ ମାପଦଣ୍ଡ ଆଧାରରେ ରେଡ୍ ଫ୍ଲାଗ୍ ମାମଲା ରୁଜୁ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ନାବାଳିକା ଓ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା, ମାନବ ଚାଲାଣ କେସକୁ ସମ୍ବେଦନଶୀଳ କେସ ଭାବେ ବିବେଚନା କରା ଯାଇଥାଏ। ଅତି ସମ୍ବେଦନଶୀଳ କେସକୁ “ରେଡ଼ ଫ୍ଲାଗ’ ଅନ୍ତର୍ଭୁକ୍ତ କରାଯାଏ। ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯାଏ। ଏହି କେସର ତଦନ୍ତ ବେଳେ ରିପୋର୍ଟ ଗୁଡିକୁ ରେଡ଼ ଏନଭଲପ ମଧ୍ୟରେ ରଖାଯାଏ। ବର୍ତ୍ତମାନର ଡିଜିପି, ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଥିବା ବେଳେ “ରେଡ଼ ଫ୍ଲାଗ’ ଏସ୍‌ଓପିକୁ କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳପୁର କେସରେ ମଧ୍ୟ ସମାନ ଢଙ୍ଗରେ ପୀଡିତାଙ୍କ ବୟାନ ସହ ଅଡିଓ, ଭିଡିଓ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ। ଫିଜିକାଲ ଟେଷ୍ଟ, ମେଡ଼ିକାଲ ଟେଷ୍ଟ ଓ ସାଇଣ୍ଟିଫିକ ଇଂଭେଷ୍ଟିଗେସନ କୁ ବ୍ୟାପକ କରାଯାଇଛି। କ୍ୱାଲିଟି ଅଫ ଏଭିଡେନ୍ସେ କଲେକ୍ସନ ପାଇଁ ଆବଶ୍ୟକସ୍ଥଳେ ଡିଏନଏ ଟେଷ୍ଟ ପ୍ରକ୍ରିୟା ଆରମ୍ଭ କରିଛି । ମାତ୍ର ଗୋପାଳପୁର ପରି ରାଜ୍ୟର ଅନ୍ୟ ଗଣଦୁଷ୍କର୍ମ ଓ ଦୁଷ୍କର୍ମ ମାମଲାଗୁଡ଼ିକୁ କାହିଁକି ରେଡ଼ଫ୍ଲାଗ ମାମଲା ଅନ୍ତର୍ଭୁକ୍ତ କରାଯାଉ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ତେନ୍ତଲାପଶି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୪ ଗିରଫ

କେନ୍ଦୁଝର, ୧୯।୬(ସମିସ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା, ହରିଚନ୍ଦନପୁର ବ୍ଲକ୍ ତେନ୍ତଲାପଶି ଗାଁରେ ଜଣେ ୧୬ ବର୍ଷର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଘଟଣାରେ ପୁଲିସ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁକ୍ତ ଦୁଇ ପଢୁଥିବା ଉକ୍ତ ଆଦିବାସୀ ଝିଅକୁ ରଜ ଦିନରେ ଦୁର୍ବୃତ୍ତମାନେ ଦୁଷ୍କର୍ମ କରିଥିଲେ। ପରେ ପରିବାର ଲୋକେ ଝିଅର ଶବକୁ ଏକ ସଜନା ଗଛରେ ଟାଙ୍ଗି ଦିଆଯାଇଥିବା ଦେଖିଥିଲେ। ଗତ ୧୬ ତାରିଖ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ରାଜନୀତି ସରଗରମ ହୋଇଥିଲା ବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ପୀଡ଼ିତାର ପରିବାରକୁ ନ୍ୟାୟ ଦାବିରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

### ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ବିଜେପି ସରକାରରେ ଅପରାଧୀ ଭୟଶୂନ୍ୟ



ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ଅପରାଧୀ ଭୟଶୂନ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ଓ ଶିଶୁମାନେ ଅସୁରକ୍ଷିତ। ବିଜେପି ଶାସନ କରିବା ପରେ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ। ମହିଳା ଓ ଶିଶୁଙ୍କୁ ସରକ୍ଷା ଦେବାରେ ଅପାରଗ ସରକାର ବିଫଳ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ

- ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ
- ଓଡିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ
- ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରନ୍ତୁ ପ୍ରଧାନମନ୍ତ୍ରୀ

ସମ୍ପାଦିକା ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନରେ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ଏହି ସମୟରେ ଅଧିକ ଅପରାଧ ଘଟିଥିବା ଦେଖାଯାଉଛି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ଗୋଟିଏ ବର୍ଷରେ ଅନେକ ଉପଲବ୍ଧିର ସ୍ଲୋଗାନ ଦେଉଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ୮ମସ୍ଥାନ ସ୍ଥାନ କରିବା ବିଜେପି ପାଇଁ ନିଶ୍ଚିତ ବଡ଼ ଉପଲବ୍ଧି। ଦେଶର ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ଗତ ଏକ ବର୍ଷରେ ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ତିନି ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ତେଣୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ମାମଲାକୁ ପଞ୍ଜିକୃତ କରିବା ପାଇଁ ରାଜ୍ୟର ୬୦୦ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଥିଲା। ସେଗୁଡିକ ଏବେ କାର୍ଯ୍ୟକ୍ଷମ ନାହିଁ, ଫଳସ୍ୱରୂପ ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

## ଭକ୍ତଙ୍କ ସୁଖଦ ଓ ସୁରକ୍ଷିତ ଦର୍ଶନ ପାଇଁ ପରାମର୍ଶ

ପୁରୀ,୧୯।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ଚଳାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର

- ରଥଖଳା ବୁଲି ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝିଲେ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ



ପୂର୍ବାହ୍ଣରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଭାବେ ଅବଗତ କରାଇଥିଲେ। ପରେ ସମସ୍ତ ମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପନ୍ନ ପାଇଁ ସେବାୟତଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ସ୍ୱଚ୍ଛତା, ଡ୍ରେନ୍ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ।

ଅପରାହ୍ଣରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକ ସଠିକ୍ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ୍ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଳ ଗଙ୍ଗୱର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଲ୍‌ରେ ଧିମାନଙ୍କ ଭଏସ୍ ରେକର୍ଡ ପରୀକ୍ଷା

ଭବାନୀପାଟଣା,୧୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପ ଜିଲ୍ଲାପାଳ (ଆଇଏଏସ) ଧିମାନ ଚକମାଙ୍କ ଜେଲ୍‌ରେ ଭଏସ୍ ରେକର୍ଡ ପରୀକ୍ଷା ବା ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ କରାଯାଇଛି। ଗୁରୁବାର ଭିଜିଲାନ୍ସ ସେଲ୍ ପକ୍ଷରୁ ଭବାନୀପାଟଣା ଜେଲ୍‌ରେ ଧିମାନଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ପରୀକ୍ଷା କରାଯାଇଛି। ଭିଜିଲାନ୍ସ ଡିଏସପିଙ୍କ ସମେତ କଟକରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଜେଲକୁ ଯାଇ ତାଙ୍କର ଭଏସ ରେକର୍ଡର ପରୀକ୍ଷା କରିଛନ୍ତି। ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିଥିବା ସମ୍ପର୍କୀତ ଏକାଧିକ କଲ୍ ରେକର୍ଡ ସହ ଧିମାନଙ୍କ ଭଏସ ମ୍ୟାଚ୍ କରାଇବା ପାଇଁ ଭିଜିଲାନ୍ସ ସେଲ୍‌ର ଗୋଟିଏ ଟିମ୍ ଭବାନୀପାଟଣା ଆସିଥିଲେ। ସୂଚନାଯୋଗ୍ୟ, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲରେ ଅଛନ୍ତି। ଗତ ୧୭ ତାରିଖରେ ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେତୁ ଏବେ ବିଚାର ବିଭାଗ ହାଜତରେ ଅଛନ୍ତି।



## ଭୁଲ୍ ଉପଧାରା ପାଇଁ ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ କରାଯିବନି: ହାଇକୋର୍ଟ

କଟକ,୧୯ ।୬(ସମିସ): ଚାର୍ଜସିଟରେ କେବଳ ଭୁଲ ଉପଧାରା ଉଲ୍ଲେଖ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ କାର୍ଯ୍ୟଧାରା ଉପରେ ଏପରି ସାମାନ୍ୟ ତ୍ରୁଟିର ପ୍ରଭାବ ପ୍ରସଂଗରେ ପ୍ରମୋଦ କୁମାର ସିଂହଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୧୯୩(୯) ପରିବର୍ତ୍ତେ ଏକ ଭୁଲ ଉପଧାରା ୧୯୩(୮) ଉଲ୍ଲେଖ କରାଯାଇଥିବାରୁ ଏହା ପୂରା ତଦନ୍ତକୁ ଅବୈଧ କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଣେ ପୀଡ଼ିତାଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନ କରିବା ଏବଂ ତାଙ୍କ ସମ୍ମତି ବିନା ଗର୍ଭପାତ କରାଇବା ପାଇଁ ଆବେଦନକାରୀଙ୍କ ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିବା ସହିତ ପୁଲିସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଚୂଡ଼ାନ୍ତ ଚାର୍ଜସିଟ ଦାଖଲ ପର୍ଯ୍ୟନ୍ତ ଫୌଜଦାରୀ କାର୍ଯ୍ୟଧାରା ଉପରେ ରହିତାଦେଶ ଓ ଏହାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଝିଅ ଅନ୍ୟ ଜାତିର ପୁଅକୁ ବାହା ହୋଇଗଲା ବୋଲି

## ଶୁଦ୍ଧି ହୋଇ ମୁଣ୍ଡନ ହେଲେ କୁଳର ୪୦ ସଦସ୍ୟ

ରାୟଗଡ଼ା,୧୯।୬(ସମିସ): ଆଜି ବି ଜାତିପ୍ରଥା ଏକ ସମ୍ପ୍ରଦାୟ ପାଇଁ କିଭଳି ଗୁରୁତ୍ୱ ବହନ କରୁଛି ତାହା ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରୁ ଦେଖିବାକୁ ମିଳିଛି। ଦୁନିଆଁ ଯେତେ ଡିଜିଟାଲ ହେଲେ ମଧ୍ୟ ପୂର୍ବକାଳରୁ ଚାଲି ଆସିଥିବା କୁଳ ଜାତି ପ୍ରଥାକୁ ସେମାନେ ସମ୍ମାନ ଦେଇ ଆସୁଛନ୍ତି ଓ ନିୟମ ପାଳନ କରି ଚଳୁଛନ୍ତି ମଧ୍ୟ। ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ପ୍ରେମ ବିବାହ କରିଥିବା ଘଟଣାକୁ ନେଇ ଝିଅ ପରିବାର, ବଂଶକୁଳର ୪୦ ଜଣ ସଦସ୍ୟ ଶୁଦ୍ଧି ହେବା ପାଇଁ ମୁଣ୍ଡନ ହେବା ସହିତ ପାରମ୍ପରିକ ରୀତିନୀତି ପାଳନ କରୁଥିବା ଦେଖିବାକୁ ମିଳିଛି । ସପ୍ତାହ ତଳେ କାଶିପୁର ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମର ଘଟିଛି ଏହିଭଳି ଅଭାବନୀୟ ଘଟଣା।

ଘଟଣାରୁ ପ୍ରକାଶ ଯେ, ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ପରିବାର ବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଯୁବକଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଜାତିରେ ରହିବାକୁ ହେଲେ ପରିବାର ବର୍ଗଙ୍କୁ ତାଙ୍କ ପରମ୍ପରା ଅନୁଯାୟୀ ଛେଳି, କୁକୁଡ଼ା, ଘୁଷୁରୀ ଆଦି ବଳି ଦେବା ସହିତ ନଦୀ କୂଳ ଗଛରେ ପୂଜା ପରେ ମୁଣ୍ଡନ କରିବାକୁ କହିଥିଲେ କୁଳ ମୁଖିଆ ତଥା ଗ୍ରାମବାସୀ। ନଚେତ ଗ୍ରାମର କେହି ହେଲେ ତାଙ୍କ ବଂଶ କୁଳ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ଏବଂ ତାଙ୍କର କୌଣସି କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଥିଲେ। ଯାହାକୁ ମାନିବାକୁ ଯାଇ ରୀତିନୀତି କାର୍ଯ୍ୟ କରିବା ପାଇଁ ଝିଅ ଘର ପରିବାର କୁଳ ବର୍ଗଙ୍କୁ ଲକ୍ଷାଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଗୋଟିଏ ପଟେ ଜାତିଆଣ ଭେଦଭାବ ନ ରଖି ସମସ୍ତେ ମିଳିମିଶି ରହିବାକୁ ସଚେତନତା




କରାଯାଉଥିବା ବେଳେ ଆଜିବି ଜୀବିତ ରହିଛି ପୁରୁଣା ପ୍ରଥା ଓ ପରମ୍ପରା। ଏନେଇ କାଶିପୁର ବିଡ଼ିଓ ବିଜୟ ସୋଏଙ୍କୁ ପଚାରିବାରୁ ଏନେଇ ଖବର ମିଳିବା ପରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

### ■ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି

## ନଦୀ ମଝିରେ ଫସିଲେ ଯୁବକ; ଉଦ୍ଧାର ଜାରି

ବାରିପଦା,୧୯।୬(ସମିସ): ବୁଧବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ଅପରାହ୍ଣରେ ସୁବର୍ଣ୍ଣରେଖାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ ମଝିରେ ଜଣେ ଯୁବକ ଫସି ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ମେରୁମଠ ନିକଟରେ ଯୁବକ ଜଣକ ଫସି ରହିଛନ୍ତି। ଘଟଣାସ୍ଥଳରେ ସାରସକଣା ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିଲା। ଉପରମୁଣ୍ଡ ଝାଡଖଣ୍ଡରେ ଏହି ନଦୀର ବ୍ୟାରେଜ ରହିଛି। ତେବେ ବର୍ଷା ଜଳ ବା କୌଣସି ପ୍ରାକ୍ ସୂଚନା ନ ଦେଇ ଡ୍ୟାମ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ନଦୀରେ ହଠାତ ଜଳସ୍ତର ବୃଦ୍ଧି ଘଟିଥିଲା। କୌଣସି କାରଣରୁ ଯୁବକ ଜଣକ ନଦୀ ଭିତରେ ଥିବା ପଥରକୁ ଯାଇଥିବାବେଳେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ସେ କୂଳକୁ ଫେରି ପାରିନଥିଲେ। ଖବର ଲେଖା ଯିବା ପର୍ଯ୍ୟନ୍ତ ଯୁବକ ଜଣକ ସେଠାରେ ଫସି ରହିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ହେଁ ସନ୍ଧ୍ୟା ହେବା ଫଳରେ



ଉଦ୍ଧାର ବାଧାପ୍ରାପ୍ତ ହୋଇଛି। ଯାନ୍ତ୍ରିକ ବୋଟ ସାହାଯ୍ୟରେ ନଦୀ ମଧ୍ୟକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ନଦୀରେ ସୁଅ ଅଧିକ ରହିଥିବାରୁ ଉଦ୍ଧାରରେ ବାଧା ଉପୁଜିଥିବା ଦେଖାଦେଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରାଯାଇନାହିଁ।

# ଖଣି ପରିବହନରେ ଅଣଓଡ଼ିଆ ପ୍ରୀତି

ଯୋଡ଼ା, ୧୯।୬(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଗୋଟିଏ ବର୍ଷ ମଧ୍ୟରେ ଯୋଡ଼ା ଖଣି ଅଞ୍ଚଳକୁ ଅଶାନ୍ତି ପ୍ରବେଶ କରିଛି। ବିଭିନ୍ନ ଘଟଣାକ୍ରମରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। କେତେବେଳେ ପରିବହନକୁ ନେଇ ଗୋଷ୍ଠୀ ସଂଘର୍ଷ ତ କେତେବେଳେ ଖଣିରେ କାର୍ଯ୍ୟ କରିବାକୁ ନେଇ ବିବାଦ। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ କିଛି କରିପାରୁ ନାହାନ୍ତି। ଆଗାମୀ ଦିନରେ ଏହା ଆଇନଶୃଙ୍ଖଳା ପରିସ୍ଥିତି ସହ ଅରାଜକତା ସୃଷ୍ଟି କରିବାର ଆଶଙ୍କା ରହିଛି।

ପୂର୍ବରୁ ଅନେକ ପରିବହନ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବାରୁ ଶତାଧିକ ଯୁବକ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଏବେ ସେମାନେ କାର୍ଯ୍ୟ ହରାଇ ବସି ରହିଛନ୍ତି। ଏପରିକି ସଂସ୍ଥାଗୁଡିକ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ଅନେକ ପ୍ରକାର ସହାୟତା ଯୋଗାଇ ଆସୁଥିଲେ। ଏବେ ଖଣିରେ କାର୍ଯ୍ୟ କରୁଥିବା ପରିବହନ ସଂସ୍ଥାକୁ ମଧ୍ୟ ହଟାଇ ଦିଆଯାଇଛି। ନୂଆ ସରକାର ଆସିବା ପରେ ଏକଦା ଖଣି ମାଫିଆ ଓ ହତ୍ୟା ଭଳି ଅଭିଯୋଗ ଥିବା

- ଏକଚାଟିଆ ପରିବହନ ବ୍ୟବସ୍ଥାରୁ ଅରାଜକତା
- ବଢ଼ୁଛି ବେରୋଜଗାରୀ, ଦାନା ବାନ୍ଧୁଛି ଅସନ୍ତୋଷ

ଜଣେ ଅଣଓଡ଼ିଆ ବ୍ୟକ୍ତିର ଆର୍‌ଜେ ଲଜିଷ୍ଟିକ ନାମକ ଏକ ସଂସ୍ଥା ଯୋଡ଼ା, ବଡ଼ବିଲ, କୋଇଡା ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ, ବୋଝେଇ କାର୍ଯ୍ୟ ମିଳୁଛି। ଫଳରେ ପୂର୍ବରୁ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀ ହାତ ବାନ୍ଧି ବସିଛନ୍ତି। ଉକ୍ତ ପରିବହନ ସଂସ୍ଥା ପୂର୍ବ ପରି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇ କାମ ହାତେଇ ନେଇଥିଲା। ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଣଓଡ଼ିଆ ଠିକା ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଖଣି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି ଓଡ଼ିଆ ଅସ୍ମିତାର ଦାହି ଦେଇ ବିଜେପି ଶାସନକୁ ଆସିବା ମାତ୍ରେ ଅଣଓଡ଼ିଆ ଲୋକକୁ ବିଭିନ୍ନ କାମ ଦେବା ଯୋଗୁଁ ସରକାରଙ୍କ ଜିଲ୍ଲାରେ ଏବେ ଆକ୍ରୋଶ ବଢ଼ିବାରେ ଲାଗିଛି। ଏପରିକି ଅଣଓଡ଼ିଆ ପ୍ରୀତି ଏବେ ଦାଣ୍ଡରେ ପଡ଼ି ବାଟରେ ଗଡୁଛି।

ଯୋଡ଼ା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୮୦ ଭାଗ ଖଣିରେ ଏହି ଅଣଓଡ଼ିଆ ବାବୁଙ୍କ ପରିବହନ କାର୍ଯ୍ୟ ଚାଲୁଛି। ଖଣିଗୁଡିକରୁ ପରିବହନ କାର୍ଯ୍ୟ ବ୍ୟାପକ ହୋଇପାରୁନାହିଁ। ବିଜେପି ସରକାର ବଳରେ ବଳୀୟାନ ହୋଇଥିବା ଏହି ଅଣଓଡ଼ିଆ ବାବୁ ଜଣକ ଏବେ ଖଣି ଅଞ୍ଚଳରେ ସର୍ବେସର୍ବା ହୋଇ ରହିବା ସହ ପୂର୍ବପରି ଖଣି ଅଞ୍ଚଳରେ ଖଣିଜ ଚୋରା କାରବାରକୁ ପ୍ରଶ୍ରୟ ଦିଆଯାଇ ବର୍ଷକ ଭିତରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିବା ନେଇ ଆଲୋଚନା ହେଉଛି। ଏକଚାଟିଆ ପରିବହନ କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଠିକ ସମୟରେ ପରିବହନ ମୂଲ୍ୟ ମିଳୁ ନଥିବା ବେଳେ ପରିବହନର ଉଚିତ ମୂଲ୍ୟ ମିଳି ପାରୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରୁଛନ୍ତି।

### ସୂର୍ଯ୍ୟଘର ଭେଲିକି

## ଆବେଦନ ୨୨ ଶହ; କାର୍ଯ୍ୟକାରୀ ୬୮

### ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ,୧୯।୬(ସମିସ): କହିଥିଲେ ମାଗଣା ବିଜୁଳି ଦେବେ, ମାଗଣା ତ ଦେଲେ ନାହିଁ; ଏବେ ସୂର୍ଯ୍ୟଘର ଜରିଆରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ଘୋଷଣା କଲେ। ଏଥିପାଇଁ ହିତାଧିକାରୀଙ୍କୁ ପ୍ରତି ମେଗାୱାଟ ପିଛା ପାଖାପାଖି ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ସତ୍ତ୍ୱେ ଯେତିକି ଲୋକ ଆବେଦନ କରୁଛନ୍ତି, ସମସ୍ତଙ୍କୁ ସୌର ବିଜୁଳି ମିଳୁନାହିଁ। ନୟାଗଡ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା ପ୍ରହେଳିକା ପାଲଟିଛି। ୨୦୨୪ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୬୮ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଦିଶା ବୈଠକରେ ଆଜି କିଛି ଏଭଳି ଆଭାସ ମିଳିଛି ।

ନୟାଗଡ ଜିଲ୍ଲାର ୮ଟି ବ୍ଲକର ୨୨୧୬ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦୯ ଜଣ ହିତାଧିକାରୀ ଭେଣ୍ଡର ଚୟନ କରିଛନ୍ତି । ମାତ୍ର ସାରା ଜିଲ୍ଲାରୁ ମାତ୍ର ୬୮ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ୧୫ ଜଣ, ଗଣିଆ ବ୍ଲକର ୩ ଜଣ, ଖଣ୍ଡପଡା ବ୍ଲକର ୩ ଜଣ, ନୟାଗଡ ବ୍ଲକରୁ ୨୭ ଜଣ, ଓଡଗାଁ ବ୍ଲକରୁ ୫ ଜଣ, ରଣପୁର ବ୍ଲକରୁ ୧୫ ଜଣ ସାମିଲ ହୋଇଛନ୍ତି । ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି । ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଉ ନାହାନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ଏନ୍‌କାଉଣ୍ଟର ଭୟ

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

■ ମାଲକାନଗିରି,୧୯ ।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡ଼େମ ପୁଲିସ ମୁଖ୍ୟାଳୟରେ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । କୋଥାଗୁଡ଼େମରେ ଜିଲ୍ଲା ଏସ୍‌ପି ରୋହିତ ରାଜଙ୍କ ସମ୍ମୁଖରେ ୨ ଜଣ ଡିଭିସିଏମ୍, ୪ ଜଣ ଏସିଏମ୍, ୨ ଜଣ ପାର୍ଟି ମେମ୍ବର, ୨ ଜଣ ମିସିଲିଆ ସଦସ୍ୟ ଏବଂ ୨ ଜଣ ଆରପିସି ସଦସ୍ୟଙ୍କ ସମେତ ୧୨ ଜଣ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।ସମସ୍ତ ୧୨ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ଆଜି ଆସିବେ ପ୍ରଧାନମନ୍ତ୍ରୀ



### ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର କରିବେ ଶୁଭାରମ୍ଭ

### ବରିଷ୍ଠଙ୍କୁ ବାଣ୍ଟିବେ ବୟୋବନ୍ଦନା କାର୍ଡ

### ବର୍ଷକ ମଧ୍ୟରେ ଷଷ୍ଠ ଗସ୍ତ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ବିଜେପି ଶାସନକୁ ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଜଧାନୀର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ୧୮,୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାସହ କ୍ରୁଟ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଗତ ବର୍ଷକ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କର ଷଷ୍ଠ ଥର ଓଡ଼ିଶାକୁ ଗସ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସାଙ୍କେତିକ ଭାବେ କାର୍ଯ୍ୟକ୍ରମ ସ୍ଥଳରେ ୫ ଜଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଏହି କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଘର ଯୋଜନାରେ ମଧ୍ୟ ଘର ବାଣ୍ଟିବେ । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ସମେତ ଅନ୍ୟ କେତେକ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । କଳିଙ୍ଗ ଷ୍ଟାଡିୟମ ଛକରୁ ଏକ ବିରାଟ ରୋଡ୍ ଶୋ ବାହାରିବାକୁ ଥିବାବେଳେ ଏହା ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବ । ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଜଣାପଡିଛି ।

### ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା

# ବୋମାବର୍ଷୀ ଜେଟ୍, ବଙ୍କର-ବଷ୍ଟର ପ୍ରସ୍ତୁତ



### ନିଜ ନାଗରିକଙ୍କୁ ଫେରାଇଆଣିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ଉଦ୍ୟମ

■ **ତେହରାନ, ୧୯।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ହେଉଛି ଆମେରିକା । ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ । ଇସ୍ରାଏଲରେ ଯୁଦ୍ଧଜାହାଜ, ବି-୫୨ ବୋମାବର୍ଷୀ ବିମାନ ଏବଂ ବଙ୍କର ବିଧ୍ୱଂସକାରୀ ବି-୨ ବଙ୍କର-ବଷ୍ଟର ଆକ୍ରମଣ ପାଇଁ ମୁତୟନ ହୋଇଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଆମେରିକୀୟ ସେନା । ବଙ୍କର-ବଷ୍ଟର୍‌ରେ ୩୦ ହଜାର ପାଉଣ୍ଡ ଓଜନର ବୋମା ଖଞ୍ଜାଯାଇଛି । ଇରାନର ଭୂତଳ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଲାଗି ବଙ୍କର-ବଷ୍ଟରର ପ୍ରୟୋଗ କରିବ ଆମେରିକା । ଇରାନର ଫରଡୋ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ଲାଗି ଜିବିୟୁ-୫୭ ବୋମାର ବ୍ୟବହାର କରିବ । ସାଉଦୀ ଆରବରେ ଏଫ୍-୧୬ ବିମାନ ମୁତୟନ ହାଇଥିବା ବେଳେ ଡିଆଗୋ ଗାର୍ସିଆରେ ବି-୫୨ ବୋମାବର୍ଷୀ ବିମାନକୁ ପ୍ରସ୍ତୁତ ରଖାଯାଇଛି । ଜେଟ୍ ବିମାନଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ପଇଁତରା ମାରୁଛନ୍ତି । ଯୁଦ୍ଧର ସପ୍ତମ ଦିନରେ ମଧ୍ୟ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛନ୍ତି । ଇରାନର ପରମାଣୁ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ କରି ଇସ୍ରାଏଲ ଗତକାଲି ରାତିରେ ପ୍ରଚଣ୍ଡ ବୋମାମାଡ଼ କରିଛି । ସାମରିକ ପ୍ରତିଷ୍ଠାନ ସମେତ ଜନବସତି ଉପରେ ମଧ୍ୟ ଇସ୍ରାଏଲୀ ଜେଟ୍ ବିମାନ ଆକ୍ରମଣ କରିଛନ୍ତି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଏହାର କ୍ଷେପଣାସ୍ତ୍ର ମାଡ଼କୁ ଆହୁରି ତୀବ୍ର କରିଛି । ଗତକାଲି ରାତିରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଗୋଟିଏ ହସପିଟାଲ ଏବଂ ଏହାର ଆଖପାଖ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧରେ କେବଳ ଇରାନରେ ୬୪୦ ଜଣ ପ୍ରାଣ ହରାଇଥିବା ବେଳେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି । ଇସ୍ରାଏଲ ଉପରେ ଇରାନ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଶତାଧିକ ଡ୍ରୋନ ମାଡ଼ କଲାଣି ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ରଣନୀତିକୁ ଗୋପନୀୟ ରଖିଛନ୍ତି । ଇରାନ ଉପରେ ସେ ଆକ୍ରମଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଆସନ୍ତା ତିନି ଚାରି ଦିନ ମଧ୍ୟରେ ଆମେରିକା ଏହି ଯୁଦ୍ଧରେ ସାମିଲ ହେବାନେଇ ସଙ୍କେତ ମିଳିଲାଣି । ଆମେରିକା ଏହାର ଅନେକ ଯୁଦ୍ଧ ଜାହାଜ ଏବଂ ଲଢ଼ୁଆ ବିମାନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିସାରିଲାଣି । ଗତକାଲି ଏ ସଂପର୍କରେ ପ୍ରଶ୍ନର ଉତ୍ତର ନେଇ ଟ୍ରମ୍ପ କହିଥିଲେ ଯେ 'ଆମେରିକା ଆକ୍ରମଣ କରିପାରେ, ନ ବି କରିପାରେ । ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣନ୍ତି ନାହିଁ ।'

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏହି ଦୁଇ ଦେଶରୁ ନିଜନିଜର ନାଗରିକଙ୍କୁ ଫେରାଇ ଆଣିବା ଲାଗି ଭାରତ ସମେତ ଅନେକ ଦେଶ ଉଦ୍ୟମ ଆରମ୍ଭ କରିଛନ୍ତି ।

### ସୁପ୍ରିମ୍‌କୋର୍ଟ କମିଟିର ସୁପାରିସ

# ପଦରୁ ହଟିବେ ଜଷ୍ଟିସ୍ ବର୍ମା

■ **ନୂଆଦିଲ୍ଲୀ, ୧୯ ।୬ (ଏଜେନ୍ସି):** ଘରୁ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଘରେ ନିଆଁ ଲାଗିବା ପରେ ସେଠାରୁ ଦରପୋଡ଼ା କୋଟି କୋଟି ଟଙ୍କା ବିଡ଼ା ମିଳିଥିଲା । ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସ୍ପଷ୍ଟ ଜଣାପଡୁଛି ଯେ ବଡ଼ ଧରଣର ଦୁର୍ନୀତିରେ ସେ ଜଡ଼ିତ ଥିଲେ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଯାଞ୍ଚ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ଭ୍ରଷ୍ଟ ଓ ଅନୈତିକ କାର୍ଯ୍ୟ ପାଇଁ ବିଚାରପତି ପଦରୁ ତାଙ୍କୁ ବହିଷ୍କାର ଲାଗି କମିଟି ସୁପାରିସ କରିଛି । ଜଷ୍ଟିସ ବର୍ମାଙ୍କ ସମେତ ୫୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ କମିଟି ଏକ ୬୪ ପୃଷ୍ଠା ବିଶିଷ୍ଟ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଛି । ସଂସଦର ଆଗାମୀ ଅଧିବେଶନରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ ।



ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଥିଲା । ଘଟଣାସ୍ଥଳରୁ ପୁଲିସ ଓ ଦମକଳ ବିଭାଗ ୫୦୦ ଟଙ୍କିଆ ନୋଟର ଶହ ଶହ ବିଡ଼ାକୁ ଦଗ୍ଧ ଅବସ୍ଥାରେ ଜବତ କରିଥିଲେ । ସେଠାରୁ ୧୫ କୋଟି ଟଙ୍କା ମିଳିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲା । ଜଣେ ବିଚାରପତିଙ୍କ ଘରୁ ଏତେ ଟଙ୍କା ନଗଦ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଥିଲା । ଏହି ମାମଲାରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ।

# ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ

■ **କଟକ, ୧୯।୬ (ସମିସ):** ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଚାରିଦିନ ତଳେ ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା । ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ ।



ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଶ୍ରୀ ରଥ ଆଇନ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଓ ଓକିଲାତି ବୃତ୍ତି ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗ ଦେଇଥିଲେ । ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ । ସେ ମଧ୍ୟ ଲୋକସେବକ ମଣ୍ଡଳର ଉପସଭାପତି, ▶ପୃଷ୍ଠା-୭



# ବ୍ରିଜ୍ କାମ ସରୁନି; ଯାତାୟାତ ବାଧାପ୍ରାପ୍ତ

ଅନୁଗୋଳ/ବଇଣ୍ଡା, ୧୯ ।୬(ସମିସ)



ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସାନହୁଲା ନାଳ ଉପରେ ନିର୍ମାଣ ହେଉଥିବା ବ୍ରିଜ କାମ ମନ୍ଥର ଗତିରେ ଚାଲିଛି । ଦୁଇବର୍ଷ ହେବ କାମ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ବାରମ୍ବାର ଠିକା ସଂସ୍ଥାଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏ ନେଇ ଗୁରୁବାର

## ■ ଜିଲ୍ଲାପାଳଙ୍କୁ ଅଭିଯୋଗ

ଗୁଣ୍ଡୁରୀଖଳି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ୨୦୨୩ରେ ସାନହୁଲା-କୃତିବାସପୁର ଆର୍‌ଡି ରାସ୍ତାର ସାନହୁଲା ନାଳ ଉପରେ ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା । ଏଥିପାଇଁ ୪ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା କାମ କରୁଛି । କାମ ଅତି ନିମ୍ନମାନର କରାଯାଉଛି । କାମର ଶେଷ ହେବାର ଧାର୍ଯ୍ୟ ସମୟ ସରିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ମନ୍ଥର ଗତିରେ କାମ ଚାଲୁଥିବା ବେଳେ ଆହୁରି ୪୦ ପ୍ରତିଶତ ବାକି ରହିଛି । ବ୍ରିଜର ଛାତ ପଡ଼ି ଯାଇଥିଲେ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ସହ ଆପ୍ରୋଚ ରୋଡ୍ ନିର୍ମାଣ ହୋଇନାହିଁ । ଏହି ବ୍ରିଜ ନିକଟରେ ଠିକାସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ରାସ୍ତା ବିପଦସଂକୁଳ ଅବସ୍ଥାରେ ରହିଛି । ବର୍ଷାଦିନ ଆସି ଯାଇଥିବା ବେଳେ ସାମାନ୍ୟ ବର୍ଷା ହେଲେ ଉକ୍ତ ଅସ୍ଥାୟୀ ରାସ୍ତା ଉପରେ ପାଣି ଚାଲୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଉଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା କୁରୁମଟାପ, ସାନହୁଲା, କୃତିବାସପୁର, ଉରୁକୁଳା, ଠାକୁରଗଡ଼ ଆଦି ପଞ୍ଚାୟତର ୨୦ରୁ ଅଧିକ ଗ୍ରାମର ବାସିନ୍ଦା ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସ୍ଥାୟୀ ରାସ୍ତା ମରାମତି କରାଯାଉ ନ ଥିବାରୁ ଲୋକେ ଅନେକ ସମୟରେ ୧୫ କିମି ଦୂର ଠାକୁରଗଡ଼ ଦେଇ ଯିବା ଆସିବା କରୁଛନ୍ତି । ତୁରନ୍ତ ବ୍ରିଜ କାମ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପଟେ କାମ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆରଡି ବିଭାଗ ଏସଡିଓ ମଧୁସ୍ମିତା ଦଳେଇ କହିଛନ୍ତି ।

## ■ ଓଭରଲୋଡ୍ ପ୍ରସଙ୍ଗ

# ଆଞ୍ଚଳିକ ଠିକା ମଜଦୁର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ତାଳଚେରସଦର, ୧୯ ।୬(ସମିସ): ତାଳଚେରର କୋଇଲା ଖଣିଗୁଡ଼ିକରେ କୋଇଲା ଉତ୍ତୋଳନ ଓ ପରିବହନ ନେଇ ନିଯୁକ୍ତ ଟ୍ରକ୍‌ଗୁଡ଼ିକରେ ଓଭରଲୋଡ ହେଉଥିବା ନେଇ ଗୁରୁବାର ସନ୍ଧ୍ୟାରେ ତାଳଚେର ଆଞ୍ଚଳିକ ଠିକା ମଜଦୁର ସଂଘ ପକ୍ଷରୁ ଏକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରାଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟଠାରୁ ଅଧିକ କୋଇଲା ବର୍ଷ ବର୍ଷ ଧରି ପରିବହନ ହେଉଥିବାରୁ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଥିବା ସଂଘ ପକ୍ଷରୁ କୁହାଯାଇଛି । ଏହାସହ କୋଇଲା ପରିବହନ ନେଇ ଯେତିକି ଗାଡ଼ି ଆବଶ୍ୟକ ତା'ଠାରୁ କମ୍ ଗାଡ଼ିରେ କୋଇଲା ପରିବହନ କରାଯାଉଥିବାରୁ ସ୍ଥାନୀୟ ଲୋକେ ଗାଡ଼ି ଖଣ୍ଡେ ଖଣ୍ଡେ କରିଥିଲେ ମଧ୍ୟ କାମ ପାଇପାରୁ ନାହାନ୍ତି । ଫଳରେ ବେକାରୀ ସମସ୍ୟା ତାଳଚେର ଅଞ୍ଚଳରେ ବଢ଼ି ଚାଲିଛି । ଏହି ସମସ୍ୟା ନେଇ ତାଳଚେର ଉପଜିଲ୍ଲାପାଳ ଏବଂ ଏମସିଏଲ କର୍ତ୍ତୃପକ୍ଷଙ୍କୁ ସଂଘ ତରଫରୁ ଲିଖିତ ଅଭିଯୋଗ କରାଯାଇଥିଲା । ଗତ ୧୬ ତାରିଖ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ଏହି ସମସ୍ୟା ନେଇ ଆଲୋଚନା ହୋଇ ସରକାରୀ ନିୟମ ମୁତାବକ କାର୍ଯ୍ୟ କରିବାକୁ ଉପଜିଲ୍ଲାପାଳ ଏମସିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସର୍ବୋଚ୍ଚ ନ୍ୟାୟାଳୟ, ଭାରତ ସରକାର, ରାଜ୍ୟ ପରିବହନ ବିଭାଗ ଓ ଖଣି ସୁରକ୍ଷା ବିଭାଗର ନିର୍ଦ୍ଦେଶାବଳୀ ପରେ ମଧ୍ୟ ଏହି ନିୟମ ଖଣିରେ ଉଲ୍ଲଙ୍ଘନ କରାଯାଉଥିବା ସଂଘ ତରଫରୁ ଅଭିଯୋଗ କରାଯାଇଛି । ଆଗାମୀ ଦିନରେ ଖଣି କର୍ତ୍ତୃପକ୍ଷ ଓଭରଲୋଡିଂ ବନ୍ଦ ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ବିରଞ୍ଚି ସାହୁ, ସମ୍ପାଦକ ବିଜୟ ବିଶ୍ୱାଳଙ୍କ ସମେତ ମହେନ୍ଦ୍ର ବେହେରା, ନିରଞ୍ଜନ ପ୍ରଧାନ, ଗିରୀଶ ପ୍ରଧାନ, ସ୍ୱାଧୀନ ଥମ୍ବ, ରଙ୍ଗାଧର ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ମନ୍ଦିର ପରିସରରେ ଚାରାରୋପଣ କଲେ ବିଧାୟକ



କଣିହାଁ, ୧୯ ।୬(ସମିସ): ବନ ବିଭାଗ ପକ୍ଷରୁ ମଙ୍ଗଳବାର ସମଲ ପଞ୍ଚାୟତ ଚକ୍ରଶିଳା ଶିବ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଚାରାରୋପଣ କରିବା ସହ ଉପସ୍ଥିତ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଁ ଉତ୍ସାହିତ କରିଥିଲେ । ଆଗାମୀ ଦିନରେ 'ସବୁଜ ଓ ସୁସ୍ଥ ପାଲଲହଡ଼ା' ତାଙ୍କ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସମଲ ଗ୍ରାମ ସଭାପତି ତୋଷମଣି ସାହୁ, ଟିପୋ ଗ୍ରାମର ନିରାକାର ସାହୁ, ସୁମନ୍ତ ସାହୁ, ବଜରଙ୍ଗ ସେବା ସମିତି ସଭାପତି ଜ୍ୟୋତିରଞ୍ଜନ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ବୁଦ୍ଧିମନ୍ତ ସାହୁ, କେସି ନାଏକ, ଆର୍‌ଏସ୍‌ଏସ୍ କଣିହାଁ ଖଣ୍ଡବାହ ପବିତ୍ର ମୋହନ ସାହୁ, ପାଲଲହଡ଼ା ସଂଯୋଜକ ପ୍ରହ୍ଲାଦ ସାମଲ, ସୁବାସ ପ୍ରଧାନ, କୁବେର ସାହୁ, ସନ୍ତୋଷ ଖିଲାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବନ ବିଭାଗ କର୍ମଚାରୀ ଯୋଗଦେଇଥିଲେ ।

## ନିଟ୍ ପରୀକ୍ଷାରେ ରତନଙ୍କ ସଫଳତା

କିଶୋରନଗର, ୧୯ ।୬(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରଘୁନାଥପୁର (ଚୂଡ଼ାପୁର) ଗ୍ରାମର ଈଶ୍ୱର ସାହୁଙ୍କ ପୁଅ ରତନ ସାହୁ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପୂର୍ବତନ ମନ୍ତ୍ରୀ ସାହୁ ଗୁରୁବାର ତାଙ୍କ ବାସଭବନରେ ପହଞ୍ଚି ରତନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



## ବିଲେଇନାଳି, କଟରଙ୍ଗା ଓ ହଣ୍ଡପାରେ ବିକାଶ ମେଳା

କିଶୋରନଗର, ୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ କିଶୋରନଗର ବ୍ଲକ ବିଲେଇନାଳି, କଟରଙ୍ଗା ଓ ହଣ୍ଡପା ପଞ୍ଚାୟତରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହଣ୍ଡପା ପଞ୍ଚାୟରେ ସରପଞ୍ଚ ରଶ୍ମିତା ପ୍ରଧାନ, ବିଲେଇନାଳିରେ ସରପଞ୍ଚ ବବିତା ପ୍ରଧାନ, କଟରଙ୍ଗା ପଞ୍ଚାୟତରେ ସରପଞ୍ଚ ମୋହିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକାଶ ମେଳାରେ ବ୍ଲକ ନୋଡାଲ ଅଧିକାରୀମାନେ ଯୋଗଦେଇଥିଲେ । ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା, ରାସନକାର୍ଡ, ଜବକାର୍ଡ ପ୍ରଦାନ କରାଯାଇଥିଲା ।



# ୧୦ ହଜାର ସଦସ୍ୟତା ଲକ୍ଷ୍ୟ ସହ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି



ଅନୁଗୋଳ, ୧୯ ।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅନୁଗୋଳ ଶାଖା ପକ୍ଷରୁ ସ୍ଥାନୀୟ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁମନ୍ଦିରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜୁନ ୫, ୬, ୭ ଓ ୮ ତାରିଖ ୪ ଦିନ ଧରି ବାରିପଦାସ୍ଥିତ ସାଇ ବିଦ୍ୟା ମନ୍ଦିରରେ ପ୍ରାନ୍ତ ଅଭ୍ୟାସ ବର୍ଗ ସମ୍ପନ୍ନ ହୋଇଛି । ଏହି ଅଭ୍ୟାସ ବର୍ଗରେ ଏବିଭିପିର ଆଗାମୀ ଏକ ବର୍ଷର ଯୋଜନା ସ୍ଥିର ହେବା ସହ ସାରା ଓଡ଼ିଶାରେ ଏକ ଲକ୍ଷ ୪୦ ହଜାର ସଦସ୍ୟତା ଲକ୍ଷ୍ୟ ରଖାଯାଇଛି । ଏହି ଅଭ୍ୟାସ ବର୍ଗରେ ଓଡ଼ିଶା ପୂର୍ବ ପ୍ରାନ୍ତର ୨୩ଟି ସାଂଗଠନିକ ଜିଲ୍ଲାରୁ ୨୫୦ରୁ ଅଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ । ରାୟଗଡ଼ାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ବିଭିନ୍ନ ସାଂଗଠନିକ ଜିଲ୍ଲା ଏବଂ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଯୋଗଦେଇଥିବା ବିଦ୍ୟାର୍ଥୀମାନେ ଏବିଭିପିର ଲକ୍ଷ୍ୟ, ଉଦ୍ଦେଶ୍ୟ, ବିଚାର ବିଷୟରେ ପ୍ରଶିକ୍ଷିତ ହେବା ସହ ଆଗାମୀ ଏକ ବର୍ଷର ସାଂଗଠନିକ ଯୋଜନା ବିଷୟରେ ମଧ୍ୟ ପ୍ରସ୍ତୁତ ହୋଇଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗ ଏବଂ ଜିଲ୍ଲାର ଦାୟିତ୍ୱ ମଧ୍ୟ ଘୋଷଣା କରାଯାଇଛି । ପ୍ରାନ୍ତ ଅଭ୍ୟାସ ବର୍ଗ ଅବସରରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଅନୁଗୋଳ ଜିଲ୍ଲାରେ ୧୦ ହଜାର ସଦସ୍ୟତା ଲକ୍ଷ୍ୟ ସ୍ଥିର କରାଯାଇଛି । ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କ ଘୋଷଣାକୁ ଏବିଭିପି ସ୍ୱାଗତ କରିବା ସହ ଏ ବର୍ଷ ଓଡ଼ିଶା ସାରା ଯେତେ ବି କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ହେବ ସେ ସମସ୍ତ କ୍ୟାମ୍ପସରେ ଏବିଭିପି ପୂର୍ଣ୍ଣ ଶକ୍ତି ସହ ଏବଂ ସଂଗଠିତ ଭାବେ ଲଢ଼ିବ । ଏହି ଅବସରରେ ଅନୁଗୋଳ ଜିଲ୍ଲାରୁ ଦାୟିତ୍ୱ ପାଇଥିବା ସମସ୍ତ କାର୍ଯ୍ୟକର୍ତ୍ତା ଢେଙ୍କାନାଳ ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ମୁରଲୀ କିଶରୀ ଜେନା, ବିଭାଗ ସହ ପ୍ରମୁଖ ଭାବେ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ, ବିଭାଗ ସଂଯୋଜକ ଭାବେ ଅରୂପ ପଟ୍ଟନାୟକ, ବିଭାଗ ସହ ସଂଯୋଜକ ଭାବେ ଆଶିଷ କୁମାର ବେହେରା, ବିଭାଗ ଖେଳ ଭାରତ ପ୍ରମୁଖ ଭାବେ ସୁମନ ସାହୁ, ଅନୁଗୋଳ ଜିଲ୍ଲା ପ୍ରମୁଖ ଭାବେ ଅଧ୍ୟାପକ ଅବିନାଶ ଦୁବେ, ଅନୁଗୋଳ ଜିଲ୍ଲା ସଂଯୋଜକ ଭାବେ ଉମେଶ ବାଘ, ଜିଲ୍ଲା ସହ-ସଂଯୋଜକ ଭାବେ ଯୋଗେଶ କୁମାର ସାହୁ, ସାଇ ବିଘ୍ନେଶ ସାହୁ ଏବଂ ପୂର୍ଣ୍ଣକାଳୀନ ଭାବେ କାର୍ଯ୍ୟ କରିବା ପାଇଁ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ବିଭାଗ ସହ ସଂଯୋଜକ ଆଶିଷ କୁମାର ବେହେରା, ବିଭାଗ ଖେଳ ଭାରତ ପ୍ରମୁଖ ସୁମନ ସାହୁ, ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ, ଅନୁଗୋଳ ଜିଲ୍ଲା ଖେଳ ଭାରତ ପ୍ରମୁଖ ସୁମନ ସାହୁ, ଅନୁଗୋଳ ନଗର ପ୍ରମୁଖ ଶୁଭଙ୍କର ଦେହୁରୀ ଉପସ୍ଥିତ ଥିଲେ ।

# ବିକଶିତ ଓଡ଼ିଶା ପାଇଁ ବିକଶିତ ଅନୁଗୋଳ ପରାମର୍ଶ କର୍ମଶାଳା



ଅନୁଗୋଳ, ୧୯ ।୬(ସମିସ): ବୁଧବାର ଅପରାହ୍ନରେ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଅନୁଗୋଳ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ପ୍ରଫେସର ଶାନ୍ତନୁ କୁମାର ସର, ଅବସରପ୍ରାପ୍ତ ପ୍ରଶାସକ ଡ. ଧରଣୀଧର ନାଥ ପ୍ରମୁଖ ଯୋଗଦେଇଥିଲେ । କର୍ମଶାଳାରେ ଅନୁଗୋଳ ଜିଲ୍ଲାର ଅର୍ଥନୈତିକ, ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାଂସ୍କୃତିକ ବିକାଶ ଉପରେ ଆଲୋଚନା ହୋଇଥିଲା । କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସମ୍ମିଳିତ ଯୋଜନା ଓ କାର୍ଯ୍ୟ ଯୋଗ୍ୟ ରଣନୀତି ତିଆରି କରିବା । ଏଥିରେ ଅନୁଗୋଳ ଡିଫେନ୍ସ ଭେଟେରାନ୍ ଆସୋସିଏସନ ସଭାପତି ଅନିଲ କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରି ଯୁବପିଢ଼ିଙ୍କୁ ଉନ୍ନତ ଧରଣର ପ୍ରଶିକ୍ଷଣ କିପରି ଦିଆଯାଇ ଆର୍ମୀ ଓ ପାରା ମିଲିଟାରୀ ଫୋର୍ସରେ ଯୋଗଦେବା ପାଇଁ ପ୍ରସ୍ତୁତ କରାଯିବ ସେଥିନିମନ୍ତେ ମନ୍ତବ୍ୟ ରଖିଥିଲେ । କର୍ମଶାଳାରେ ଯୋଗଦେଇଥିବା ବୁଦ୍ଧିଜୀବୀ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଯୋଗାଣ, ଯୁବପିଢ଼ିଙ୍କ ଦକ୍ଷତା ବିକାଶ, ଶିଳ୍ପର ବିକାଶ, ପରିବେଶ ସୁରକ୍ଷା, ସାମାଜିକ ଅସମାନତା, ଶିଶୁ ଶ୍ରମିକ ଇତ୍ୟାଦି ବିଷୟରେ ଥିବା ସମସ୍ୟା ଓ ତାହାର ସମାଧାନ ପାଇଁ ବିଭିନ୍ନ ଦିଗ ଉପରେ ନିଜ ମତ ରଖିଥିଲେ ।

# ଆଇସିଡିଏସ କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ



କିଶୋରନଗର, ୧୯ ।୬(ସମିସ): କିଶୋରନଗର ମହିଳା ଶିଶୁବିକାଶ ବିଭାଗ କର୍ମଚାରୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ବିକାଶ ମେଳା କାର୍ଯ୍ୟକ୍ରମ ଅବସରରେ ଗୁରୁବାର କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କର୍ମଚାରୀମାନେ ହାତରେ ଝାଡୁଧରି ସଫେଇ କରିଥିଲେ । ଏଥିରେ ସିଡିପିଓ ଆରତୀ ସିଂହ, ସୁପରଭାଇଜର ଦେବକୀ ଦନ୍ତା, ଅସ୍ମିତା ସାହୁ, କର୍ମଚାରୀ ସଞ୍ଜୀବ ସାହୁ, ରାଜେଶ ବେଉରିଆ, ଋଷଭ ସାହୁ, ରେଣୁବାଳା ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ଗଡ଼ିଲା ନିଶାସେବନ ବିରୋଧୀ ସଚେତନତା ରଥ



ଛେଣ୍ଡିପଦା, ୧୯ ।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଆମ ସଂକଳ୍ପ ନିଶା ନୁହେଁ, ଜୀବନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିସହ ଏକ ନିଶା ନିବାରଣ ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଲୋକନୃତ୍ୟ ମାଧ୍ୟମରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନ କରାଯାଇଛି । ଅନୁଗୋଳ ଅବକାରୀ ଇନ୍ସପେକ୍ଟର ରମ୍ଭା ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହକାରୀ ସଚିବ ଗୀତାଞ୍ଜଳି ନାଏକ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସାଂସଦଙ୍କ ପ୍ରତିନିଧି ବିଜୟ ମାଝୀ ଓ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଯୁବସମାଜ ନିଶାଦ୍ରବ୍ୟ ଓ ଅପମିଶ୍ରିତ ମାଦକଦ୍ରବ୍ୟ ସେବନ କରିବା ଦ୍ୱାରା ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ନିଶା ସେବନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ପରେ ଅତିଥିମାନେ ଏକ ସୁସଜ୍ଜିତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ପ୍ରତ୍ୟେକ ପଞ୍ଚାୟତକୁ ଯାଇ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ନିଶାସେବନ ବିରୋଧରେ ସଚେତନ କରିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଅବକାରୀ ବିଭାଗ କର୍ମଚାରୀ, ବ୍ଲକ କର୍ମଚାରୀ, ମିଶନ ଶକ୍ତି ମା'ମାନେ ଯୋଗଦେଇଥିଲେ ।

## ■ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବି

# ୯ ରେ ବ୍ଲକ୍ ଅଫିସ ସମ୍ମୁଖରେ ଆନ୍ଦୋଳନ

କିଶୋରନଗର, ୧୯ ।୬(ସମିସ): ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର କୃଷିବହୁଳ କିଶୋରନଗର ଅଞ୍ଚଳରେ ଚାଷଜମିକୁ ଜଳସେଚନ ସୁବିଧା ପାଇଁ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି । ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଯାଏଁ ଯୋଜନା କାର୍ଯ୍ୟକାରୀ କରିବା ଉପରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଜଏରାଟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ପୀତାମ୍ବର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, କିଶୋର ପ୍ରଧାନ, ଯୋଗୀନ୍ଦ୍ର ବିଶ୍ୱାଳ, ତରୁଣ ବେହେରା, ବାବାଜୀ ଚରଣ ପ୍ରଧାନ, ଲକ୍ଷଣ ବେହେରା, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବିରେ ଆସନ୍ତା ମାସ ୯ ତାରିଖ କିଶୋରନଗର ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଉପଲକ୍ଷେ ପଦଯାତ୍ରା

ଅନୁଗୋଳ, ୧୯ ।୬(ସମିସ): ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ନିମନ୍ତେ ଏକ ସଚେତନତା ପଦଯାତ୍ରା ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ବିକାଶ ମେଳାଠାରୁ ବାହାରି ଅନୁଗୋଳ ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଆଇଏଏସ ପ୍ରବେସନର କସ୍ତୁରୀ ସି, ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରିଣୀ (କଲ୍ୟାଣ) ଲିରିକା ରାୟ, ଜିଲ୍ଲା ଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଟ୍ରେଡ ୟୁନିୟନ ସଦସ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧିଙ୍କ ସମେତ ଶ୍ରମ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

## ଗଣେଶ ପୂଜାକୁ ଆଉ ଦୁଇମାସ ବାକି

# ପୂର୍ବବର୍ଷର ପୁରସ୍କାର ଦିଆଯାଇ ନ ଥିବାରୁ ଉଦ୍‌ବେଗ

ତାଳଚେରସଦର, ୧୯ ।୬(ସମିସ)



ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ତାଳଚେରର ଐତିହାସିକ ଗଣପର୍ବ ଗଣେଶ ପୂଜା ଆଉ ମାତ୍ର ଦୁଇମାସ ବାକି ରହିଛି । ତେବେ ପୂର୍ବବର୍ଷର ପୁରସ୍କାର ଓ ଆୟବ୍ୟୟ ହିସାବ ଏପର୍ଯ୍ୟନ୍ତ ଦିଆଯାଇ ନ ଥିବାରୁ କମିଟି ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆବାହମାନ କାଳରୁ ତାଳଚେର ଅଞ୍ଚଳରେ ମହାସମାରୋହରେ ଶହେରୁ ଊର୍ଦ୍ଧ୍ୱ ମେଢ଼ ପୂଜା ପାଉଥିବା ବେଳେ ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା, ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି ମନୋହରି ଇତ୍ୟାଦି ପ୍ରସିଦ୍ଧି ଲାଭ କରିଛି । ତାଳଚେର ଗଣେଶପୂଜା ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରରୁ ଦର୍ଶକ ଏଠାକୁ ଛୁଟିଆସିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ୍ ବ୍ୟବସ୍ଥା ସହିତ ଟ୍ରାଫିକ, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଏ । ସେହିଭଳି ମୂର୍ତ୍ତି ପ୍ରଦର୍ଶନ, ଶାନ୍ତିଶୃଙ୍ଖଳା ଓ ପଟୁଆର ପାଇଁ କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଏହାକୁ ତର୍ଜମା କରାଯାଇ ପୁରସ୍କାର ନିର୍ଦ୍ଧାରଣ କରାଯାଇଥାଏ । ପ୍ରାୟତଃ ପ୍ରତିବର୍ଷ ପୂଜାର ଦୁଇରୁ ତିନିମାସ ପରେ କୃତୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ । ମାତ୍ର ଗତବର୍ଷର ପୁରସ୍କାର ଏପର୍ଯ୍ୟନ୍ତ ବିତରଣ କରାଯାଇ ନ ଥିବାରୁ କମିଟି ମଧ୍ୟରେ ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି । ତୁରନ୍ତ ପୁରସ୍କାର ବିତରଣ ସହ ଆୟବ୍ୟୟ ହିସାବ ପ୍ରଦାନ କରାଯିବାକୁ ଦାବି ହେଉଛି ।



# ଝାଡ଼ଖଣ୍ଡମୁହାଁ ଲଘୁଚାପ

■ **ଭୁବନେଶ୍ୱର, ୧୯।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଝାଡଖଣ୍ଡ ମୁହାଁ ହେବା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ଏହି ସ୍ଥିତି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ୨୩-୨୪ ବେଳରକୁ ଆଉ ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ପୁଣି ବର୍ଷା ନେଇ ପାଗ ଅନୁକୂଳ ହେବ। ପରବର୍ତ୍ତୀ ସମୟରେ ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ଆସନ୍ତା ୨ ସପ୍ତାହ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଚଳିତ ଜୁନ୍ ମାସରେ ମୌସୁମୀ ପ୍ରଭାବରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭୩ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଗତ ଜୁନ୍ ମାସ ଆରମ୍ଭରୁ ଏଯାବତ ବର୍ଷାର୍ ପରିମାଣ ଦୁଇଟି ଜିଲ୍ଲା ସୁନ୍ଦରଗଡ଼ ଓ ଦେବଗଡ଼ରେ ମାତ୍ରାଧିକଠୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ୫ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ମାତ୍ରାଧିକ ବର୍ଷା ରେକର୍ଡ ହୋଇଛି। ଏହାସହିତ ୧୫ଟି ଜିଲ୍ଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୭ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ନୁଆପଡା, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିରେ ନିଅଣ୍ଟିଆ ଓ ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଏଟିଏମ୍, ଡେବିଟ୍ କାର୍ଡ ଚାର୍ଜ ହେବ ମହଙ୍ଗା

**ଜୁଲାଇ ପହିଲାରୁ ବଦଳିବ ବ୍ୟାଙ୍କିଙ୍ଗ୍ ନିୟମ**

**ଆଇଏମ୍‌ପିଏସ୍ କାରବାର ପାଇଁ ନୂଆ ଚାର୍ଜ**

■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଜୁଲାଇ ପହିଲାଠାରୁ ଦେଶର ଘରୋଇ ବ୍ୟାଙ୍କଗୁଡ଼ିକରେ କିଛି ନିୟମ ବଦଳିବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ କିଛି କାରବାର ଉପରେ ଲାଗୁ ହେଉଥିବା ଏହାର ସେବା ଚାର୍ଜରେ ପରିବର୍ତ୍ତନ କରିଛି। ସେହି ସମୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ ଏହାର କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ନିୟମ ବଦଳାଇବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ଏହାର ଏଟିଏମ୍ ଏବଂ ତୁରନ୍ତ ଦେୟ ସେବା (ଆଇଏମ୍‌ପିଏସ୍) କାରବାର ଉପରେ ଲାଗୁ ହେଉଥିବା ଚାର୍ଜରେ ପରିବର୍ତ୍ତନ କରିଛି। ଯଦି ଆପଣ ଗୋଟିଏ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ଏକ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରୁଥାନ୍ତି, ତେବେ କିଛି କାରବାର ପରେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡିବ। ଏଟିଏମ୍ କାରବାର ଉପରେ ନୂତନ ଚାର୍ଜ ପୂର୍ବକ ମେଟ୍ରୋ ସହରଗୁଡ଼ିକରେ ପ୍ରତି ମାସରେ ୩ କାରବାର ମାଗଣା ହେବ। ଅଣ-ମେଟ୍ରୋ (ଛୋଟ) ସହରଗୁଡ଼ିକରେ ପ୍ରତି ମାସରେ ୫ କାରବାର ମାଗଣା ହେବ। ଏହାପରେ ଯଦି ଆପଣ ଟଙ୍କା ଉଠାନ୍ତି (ଆର୍ଥିକ କାରବାର), ତେବେ ଆପଣଙ୍କୁ ପ୍ରତି କାରବାର ପାଇଁ ୨୩ ଟଙ୍କା ଦେବାକୁ ପଡିବ, ପୂର୍ବରୁ ଏହା ▸ପୃଷ୍ଠା-୭

**ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ରିପୋର୍ଟ ୨୦୨୩-୨୪**

# ଦେଶରେ ଓଡ଼ିଶାକୁ ୫ମ ସ୍ଥାନ

■ **ଭୁବନେଶ୍ୱର, ୧୯।୬ (ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ପ୍ରକାଶ ପାଇଛି। ତହିଁରେ ଓଡ଼ିଶା ପଞ୍ଚମ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନରେ ଚଣ୍ଡିଗଡ଼ ଥିବାବେଳେ ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୨-୨୩ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ସମୁଦାୟ ହଜାରେ ପଏଣ୍ଟ ମଧ୍ୟରୁ ୨୦୨୨-୨୩ରେ ୫୮୪.୫ ସ୍କୋର ଥିବାବାଳେ ୫୯୫.୬କୁ ବୃଦ୍ଧି ପାଇବା ସହ ପ୍ରଚେଷ୍ଟା-୩ ଗ୍ରେଡ୍‌ରେ ନିଜର ସ୍ଥାନ ବଜାୟ ରଖିଛି।

ବିଦ୍ୟାଳୟ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ପୂର୍ବପରି ସର୍ବାଗ୍ରେ ରହିଛି। ୨୦୨୨-୨୩ରେ ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ଥିବା ଏହି ଜିଲ୍ଲା ଏକମାତ୍ର ଜିଲ୍ଲାଭାବେ ୨୦୨୩-୨୪ରେ ଉତ୍ତମ-୩ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ୨୦୨୨-୨୩ରେ ମାତ୍ର ୧୨ଟି ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ସ୍ଥାନ ପାଇଥିବାବେଳେ ୨୦୨୩-୨୪ରେ ୨୪ ଜିଲ୍ଲା ଏହି ବର୍ଗରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ଜିଲ୍ଲାଗୁଡ଼ିକ ମଧ୍ୟ ଦୁଇଗୁଣା ଭଲ ପ୍ରଦର୍ଶନ କରିଛନ୍ତି। ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ପ୍ରଚେଷ୍ଟା-୨ରେ ରହିଥିବାବେଳେ ଅବଶିଷ୍ଟ ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ରହିଛନ୍ତି। ପୂର୍ବବର୍ଷ ପରି ସର୍ବନିମ୍ନ ପ୍ରଦର୍ଶନ ସହ ରାୟଗଡ଼ା ଜିଲ୍ଲା ଶେଷ ସ୍ଥାନରେ ରହିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ବ୍ୟାପିଲା ଡାଇରିଆ

## ୧୩ ଦିନ ଧରି କଲବଲ ଅଧା ଓଡ଼ିଶା

■ **ଭୁବନେଶ୍ୱର, ୧୯।୬ (ସମିସ):** ଜୁନ୍ ପ୍ରଥମ ସପ୍ତାହରୁ ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଡ଼ାଇରିଆ ଉପକୂଳ ଡ଼େଇଁ ଏବେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛି। ପୂର୍ବରୁ ବରଗଡ଼ରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି; ମାତ୍ର ବଲାଙ୍ଗୀରରେ ଆଜି ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କୁହାଯାଉଛି। ଏମିତିକି ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଜଳୀୟ ଅଂଶର ପରିମାଣ ସଂପୂର୍ଣ୍ଣ କମି ଯାଇଥିବା କୁହାଯାଉଛି। ଦୀର୍ଘ ୧୩ ଦିନ ଧରି ଅଧା ଓଡ଼ିଶା ଝାଡ଼ାବାନ୍ତିରେ କଲବଲ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରୁନି। ଗୋଟିଏ ପରେ ଗୋଟେ ଜିଲ୍ଲାରେ ଆକ୍ରାନ୍ତ ବଢ଼ିବାରେ ଲାଗିଛନ୍ତି। ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଉଛି।

ନିଜ ଜିଲ୍ଲା ବଲାଙ୍ଗୀରରେ ସ୍ଥିତି ଅଣାୟତ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏହାପ୍ରତି ନିଘା ନାହିଁ। କେନ୍ଦ୍ରୀୟ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ କେବଳ ଯାଜପୁର, ଭଦ୍ରକ ଆଦି ଜିଲ୍ଲାରେ ଡାଇରିଆ ରୋକିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜିଲ୍ଲା ପ୍ରତି ସେମିତି କେହି ବିଶେଷ ଦୃଷ୍ଟି ଦେଉନାହାନ୍ତି। ଏମିତିକି କେନ୍ଦ୍ରୀୟ ଟିମ୍ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟରୁ ଡାଇରିଆ ▸ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଦ୍ୱିତୀୟ ମୃତ୍ୟୁ

■ **କେନ୍ଦ୍ରାପଡ଼ା, ୧୯।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ତଥାପି ପ୍ରଶାସନର ନିଦ ଭାଙ୍ଗୁନି। ଏବେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଡାଇରିଆରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତାଙ୍କ ଲଗାତର ଝାଡ଼ାବାନ୍ତି ହେବାରୁ ସେ



ଡାଇରିଆର ଶିକାର ହୋଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତାଙ୍କୁ ଡାଇରିଆ ହେବା ପରେ ତାଙ୍କ ବଡ଼ପୁଅ ମଧ ଆକ୍ରାନ୍ତ ହୋଇଥିଲେ। ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମଞ୍ଜୁଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚକ୍ରୋଡା ଗ୍ରାମରେ ପହଞ୍ଚି ଗାଁକୁ ସାନିଟାଇଜ କରିଛନ୍ତି। ଏହାକୁ ନେଇ ଏ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଭୟ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମବାସୀଙ୍କୁ ସଚେତନ କରିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚିଦାନନ୍ଦ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଏ ଘଟଣା ଘଟିବା ପରେ ଗାଁରେ ସ୍ୱାସ୍ଥ୍ୟ ସେବା ଦଳ ପହଞ୍ଚି ଗାଁକୁ ସାନିଟାଇଜ କରିଛି। ଲୋକଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଇଛି। ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସଜନୀ ମଲ୍ଲିକ ନାମ୍ନୀ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିଲା।

## ହାଇକୋର୍ଟଙ୍କ ଉଦ୍‌ବେଗ

■ **କଟକ, ୧୯।୬ (ସମିସ):** କିଛି ଦିନ ହେବ ଝାଡ଼ାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ(ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡ଼ାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ▸ପୃଷ୍ଠା-୭



**ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ପାଇଁ ନିର୍ଦ୍ଦେଶ**

## ଆଗକୁ ରଥଯାତ୍ରା
## ବଢ଼ିଲା ଝାଡ଼ାବାନ୍ତି ଭୟ

■ **ପୁରୀ, ୧୯।୬ (ସମିସ):** ରାଜ୍ୟରେ ଡାଇରିଆ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି ଝାଡ଼ାବାନ୍ତି। ଏଥିରେ କିପରି ବ୍ରେକ୍ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆକ୍ତାମାକ୍ତା ହୋଇପଡ଼ିଲେଣି। ଏଭଳି ସ୍ଥିତିରେ ଆଗକୁ ଆସୁଛି ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହେବ ପୁରୀରେ। ଏହା ପୂର୍ବରୁ ରାଜ୍ୟରେ ଯଦି ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥାଏ ପୁରୀ ପାଇଁ ବଡ଼ ବିପଦ ସାଜିବା ନେଇ ଆଶଙ୍କା କଲେଣି ଶ୍ରୀକ୍ଷେତ୍ରବାସୀ। ରଥଯାତ୍ରା ପାଇଁ ଏବେ ଡାଇରିଆ ଟେନ୍‌ସନ ବଢ଼ାଇ ଦେଲାଣି। ଏମିତି ବି ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପରସା ଯାଉଥିବାର ଅଭିଯୋଗ ହୋଇଆସୁଛି। ତା' ସାଙ୍ଗକୁ ବର୍ଷା ମଧ ଆସିଲାଣି। ତେଣୁ ରଥଯାତ୍ରାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଗଲାଣି।

ରଥଯାତ୍ରାକୁ ଆଉ ମାତ୍ର ୭ ଦିନ ରହିଲା। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ଲାଗି ଦେଶ ବିଦେଶରୁ ଭକ୍ତଙ୍କ ସମାଗମ ହେବ ପୁରୀରେ। ପ୍ରାୟ ୧୨ରୁ ୧୫ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଶ୍ରୀକ୍ଷେତ୍ରରେ। ହଇଜା ବ୍ୟାପିଥିବା ଅଞ୍ଚଳରୁ ବି ଭକ୍ତ ଆସିପାରନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ



**ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ଖାଦ୍ୟ**

ପାଇଁ ସମ୍ଭାବ୍ୟ ବିପଦ ଘନଉଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରଥଯାତ୍ରା ସମୟରେ ପୁରୀର ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଖାଦ୍ୟ, ପାନୀୟ ଆଦି ବଣ୍ଟନ କରିଥା'ନ୍ତି। ଲୋକେ ସେଠାରୁ ଖାଦ୍ୟ ଗ୍ରହଣ ▸ପୃଷ୍ଠା-୭

**ମନ୍ତ୍ରୀଙ୍କୁ ଡାଇରିଆ ଡର**

## ଜିଲ୍ଲାପାଳଙ୍କ ହାତକୁ ଟେକିଦେଲେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

**ଡାଇରିଆ ପାଇଁ ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ଯାଏଁ ଛୁଟି**

**ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ ସ୍କୁଲ୍ ବନ୍ଦ**

■ **ଭୁବନେଶ୍ୱର, ୧୯।୬ (ସମିସ):** ଖରାଛୁଟି ପରେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ରାଜ୍ୟରେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜିବ ଆଶଙ୍କା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମର ସମସ୍ତ ବିଦ୍ୟାଳୟକୁ ଶୁକ୍ରବାର ପାଇଁ ଛୁଟି ଘୋଷଣା କରାଯାଇଛି। ଶନିବାର ଏହି ଦୁଇ ସ୍ଥାନରେ ପାଠପଢ଼ା ଆରମ୍ଭ ହେବ। ସେହିପରି ଡାଇରିଆ ପ୍ରବଣ ଯାଜପୁର ଓ ଭଦ୍ରକ୍ ଜିଲ୍ଲାରେ ମଧ ବିଦ୍ୟାଳୟ ଖୋଲିବ ନାହିଁ। ଯାଜପୁରରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ମଧ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁରୂପ ଭାବେ ଭଦ୍ରକ ଜିଲ୍ଲାରେ ▸ପୃଷ୍ଠା-୭




## ଘରେ ପଶି ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

■ **କେନ୍ଦ୍ରାପଡ଼ା/ଡେରାବିଶ, ୧୯।୬ (ସମିସ):** ଗତ ୪ ଦିନ ମଧ୍ୟରେ ଚାରିଟି ଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋପାଳପୁର ଗଣଦୁଷ୍କର୍ମ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ରେ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସାରା ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ଏକାକୀ ଥିବାବେଳେ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସେ ମୁଣ୍ଡାଳ ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ମଧ୍ୟରାତ୍ରିରେ ଜଣେ ଯୁବକ ଘର ଭିତରକୁ ▸ପୃଷ୍ଠା-୭



## ମାମୁ ଘର ଗାଁ ପୋଖରୀରେ ବୁଡ଼ିଗଲେ ୨ ଭଉଣୀ

■ **ଭଦ୍ରକ/ବାସୁଦେବପୁର, ୧୯।୬ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗାଁରେ ନିଜ ମାମୁ ଘରକୁ ବୁଲି ଆସିଥିବା ୨ଶିଶୁ କନ୍ୟା ପୋଖରୀର ପଡି ମୃତ୍ୟୁବରଣ କରିଛନ୍ତି। ମୃତା ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ କରଣପଲ୍ଲୀ ପଞ୍ଚାୟତ ନାଳିଛକର ରତନ ମଣ୍ଡଳ ନିଜ ପତ୍ନୀ ସହିତ ୪ ବର୍ଷର କନ୍ୟା ନନ୍ଦିନୀ ଓ ୩ ବର୍ଷର କନ୍ୟା ଚାନ୍ଦିନୀକୁ ନେଇ ଶଶୁର ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ନିଜ ଶାଳକକୁ ଧରି କଟକ ମେଡିକାଲ ଯାଇଥିଲେ। ଦୁଇ ଭଉଣୀ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ମାଆ ସେମାନଙ୍କୁ ▸ପୃଷ୍ଠା-୭



ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ବ୍ୟୋମସଙ୍କଟ

ଭାରତର ପ୍ରମୁଖ ବ୍ୟୋମଯାନ ବା ଉଡ଼ାଜାହାଜ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅହମ୍ମଦାବାଦ୍‌ରେ ଡ୍ରିମଲାଇନ୍‌ର ଏଆଇ୧୭୧ ବୋଇଂ ବିମାନର ମର୍ମନ୍ତୁଦ ଦୁର୍ଘଟଣା ପଛର ଅସଲ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଆନ୍ତର୍ଜାତିକ ବିମାନ ସେବା ବୈଷୟିକ ତ୍ରୁଟି କାରଣରୁ ବାତିଲ୍ ହୋଇଚାଲିଛି। ଗତ ସାତ ଦିନ ମଧ୍ୟରେ ୮୬ଟି ବିମାନ ଉଡ଼ାଣ ଶେଷମୁହୂର୍ତ୍ତରେ ବାତିଲ୍ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବିମାନ ସେବାର ଭାବମୂର୍ତ୍ତି ଓ ଯାତ୍ରୀମାନଙ୍କର ଭରସା କ୍ଷୁଣ୍ଣ ହେଉଛି। ବିମାନଯାତ୍ରୀ ମଧ୍ୟ ଏୟାର ଇଣ୍ଡିଆର ଯାତ୍ରୀ ସୁବିଧା ସେବା(କଷ୍ଟମର କେୟାର)ର ମାନ ଦିନକୁ ଦିନ ନିମ୍ନମୁଖୀ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପୃଷ୍ଠଭୂମିରେ ଭାରତର ଏହି ସର୍ବବୃହତ୍ ବିମାନସେବା ସଂସ୍ଥା ତା'ର ଆନ୍ତର୍ଜାତିକ ଉଡ଼ାଣରେ ୧୫% ହ୍ରାସ କରିବାକୁ ଘୋଷଣା କରିଛି। ଏହାପଛର ଆଭ୍ୟନ୍ତରୀଣ କାରଣ ଜଣାପଡ଼ିନାହିଁ; କିନ୍ତୁ ଡ୍ରିମ୍‌ଲାଇନର ଦୁର୍ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଇତିମଧ୍ୟରେ ଏୟାର ଇଣ୍ଡିଆ ମାଲିକାନାରେ ଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ୨୬ଟିର ସୁରକ୍ଷା ଯାଞ୍ଚ ସରିଥିବା ବେଳେ ବୋଇଂ ୭୭୭ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା କମ୍ପାନୀ ସୂଚନା ଦେଇଛି।

ପରିଚାଳନାରେ ଅପାରଗତା କାରଣରୁ ବଢ଼ିଚାଲିଥିବା କ୍ଷତି ପରିମାଣ ୭୦ ହଜାର କୋଟି ଟଙ୍କା ଟପିବା ପରେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ୨୦୨୨, ଜାନୁଆରୀ ୨୭ରେ ଏହାର ମାଲିକାନା ପୁନର୍ବାର ଟାଟା ହାତକୁ ଗଲା। ସେବା ଓ ଉତ୍ପାଦ ଗୁଣବତ୍ତାରେ ସାଲିସ୍ କରୁନଥିବା ଏବଂ ଗ୍ରାହକ ଭରସାଯୋଗ୍ୟ ସଂସ୍ଥା ଭାବରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଟାଟା ଗ୍ରୁପ୍ ଅଧୀନକୁ ଯିବା ପରେ ଏୟାର ଇଣ୍ଡିଆର ଦୁରବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଆଶାନୁରୂପ ପାଖାପାଖି ଗତ ତିନିବର୍ଷ ଭିତରେ ଏୟାର ଇଣ୍ଡିଆର ରାଜସ୍ୱରେ ୨୫% ବୃଦ୍ଧି ଘଟିଥିବା ବେଳେ କ୍ଷତି ପରିମାଣ ୫୦% ଯାଏଁ ହ୍ରାସ ପାଇଛି। ବଜାର ଅଂଶରେ ମଧ୍ୟ ୯.୭%କୁ ବୃଦ୍ଧି ଘଟିଛି। କିନ୍ତୁ ବ୍ୟବସାୟିକ ଲାଭ-କ୍ଷତିରୁ ଊର୍ଦ୍ଧ୍ୱରେ ତର୍ଜମା କଲେ ସମ୍ପ୍ରତି ଏୟାର ଇଣ୍ଡିଆର ଯାତ୍ରୀ ସେବା ମାନରେ ଯେଉଁଭଳି ଅବକ୍ଷୟ ପରିଲକ୍ଷିତ ହେଉଛି ଏବଂ ଅଭିଯୋଗମାନ ଆସୁଛି ତାହା ସାମଗ୍ରିକ ଭାବେ ଟାଟାର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଏପରିକି ଟାଟା ହାତକୁ ଯିବା ପରେ ଯାତ୍ରୀ ଅଭିଯୋଗମାନ ବଢ଼ିବାରେ ଲାଗିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏକ ଭଙ୍ଗା ଚୌକିରେ ବସି ଯାତ୍ରା କରିବା ଭଳି ଘଟଣାରୁ ଆରମ୍ଭ କରି, ବାତାନୁକୂଳିତ ବ୍ୟବସ୍ଥା କାମ ନ କରିବା, ଟିଭି ନ ଚାଲିବା ଏବଂ ଯାତ୍ରୀମାନଙ୍କ ପ୍ରତି ପରିଚାରିକାମାନେ ସେତେଟା ଦୃଷ୍ଟି ନ ଦେବା ଆଦି ଅତିନିମ୍ନସ୍ତରର ଅଭିଯୋଗମାନ ଏକ ଆନ୍ତର୍ଜାତିକ ସଂସ୍ଥାର ଭାବମୂର୍ତ୍ତି ସହିତ ଯୋଡ଼ି ହୋଇଯିବା ଶୁଭଙ୍କର ନୁହେଁ। ଏହାଛଡ଼ା ୨୦୨୪ରେ ବୈଷୟିକ ତ୍ରୁଟି(ହାଇଡ୍ରାଲିକ୍ ଫେଲ୍ୟୁର) ପାଇଁ ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍କୋ ବିମାନ ଅଧାଆକାଶରୁ ଫେରିବା, ଟଏଲଟ୍ ଜାମ କାରଣରୁ ଚିକାଗୋରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ପୁଣି ଲେଉଟିବା, ଗତ ଜାନୁଆରୀ ୫ ତାରିଖରେ ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବିମାନର ଇଞ୍ଜିନ କାମ ନ କରିବାରୁ ମଧ୍ୟାକାଶରୁ ବାହୁଡ଼ାଇ ଆଣିବା, ସମୟାନୁବର୍ତ୍ତିତାରେ କ୍ରମାଗତ ଅବହେଳା ଭଳି ଘଟଣାରେ ଟାଟାର ପରିଚାଳନା ଦକ୍ଷତାର ସୁନାମ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ପରିସ୍ଥିତି ଏପରି ହୋଇଛି ଯେ ଟାଟା କମ୍ପାନୀ ଯାହା କିଛି ସୁନାମ ଅର୍ଜନ କରିଥିଲା, କେବଳ ଏୟାର ଇଣ୍ଡିଆ ତାହାକୁ ବୁଡ଼ାଇ ଦେବା ପାଇଁ ଯଥେଷ୍ଟ ବୋଲି ମତ ପ୍ରକାଶ ପାଇଛି। ଏପରିକି ଏବେ ଏହାର ଘରୋଇକରଣ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସେଥିରେ ଡ୍ରିମ୍‌ଲାଇନର ଦୁର୍ଘଟଣା ଭଳି ଅପବାଦ ଯୋଡ଼ି ହୋଇଯାଇଛି। ବିମାନ ଉଡ଼ାଣ ବାତିଲ୍ ହେଲେ କେବଳ ଟାଟା କିମ୍ବା ଏୟାର ଇଣ୍ଡିଆର ଅର୍ଥନୈତିକ କ୍ଷତି ହେଉନାହିଁ, ଏହାର ପ୍ରତିକୂଳ ପ୍ରଭାବ ଯାତ୍ରୀଙ୍କ ବ୍ୟବସାୟ, ଲାଭ-କ୍ଷତି, ସମୟ ଉପରେ ମଧ୍ୟ ପଡୁଛି। ସର୍ବୋପରି ଦେଶର ଅର୍ଥନୀତି ଓ ବାଣିଜ୍ୟିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହେଉଛି।

ଏୟାର ଇଣ୍ଡିଆର ପରିଚାଳନା ଆଗରେ ଏବେ ବହିଃସମସ୍ୟା ତୁଳନାରେ ଆଭ୍ୟନ୍ତରୀଣ ଆହ୍ୱାନ ଅଧିକ। ସଂସ୍ଥା ଅଧୀନରେ ଥିବା ଅଧିକାଂଶ ବିମାନ ପୁରୁଣା ହୋଇଯାଇଥିବା ବେଳେ ପାଇଲଟ୍, କ୍ୟାବିନ୍ କ୍ରୁ, ବୈଷୟିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଧୁନିକ ଓ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ତାଲିମ୍ ଦିଆଯାଉନାହିଁ। ଏହାଛଡ଼ା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇ ଉଦ୍ୟୋଗ ହାତକୁ ପରିଚାଳନା ଆସିଥିବାରୁ ଅଦରକାରୀ ଓ ଅନୁପଯୋଗୀ କର୍ମଚାରୀଙ୍କୁ ହଠାତ୍ ଛଟେଇ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିବା ଏୟାର ଇଣ୍ଡିଆ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଥରେ ଗ୍ରାହକ ଭରସା ତୁଟିଲେ ତାହା ଫେରିପାଇବା ଏତେ ସହଜ ନୁହେଁ। ବିଶେଷକରି ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦିଆଯିବାର ଯେଉଁ ଉତ୍ତରଦାୟିତ୍ୱ ରହିଛି, ସେଥିପ୍ରତି ଟାଟା ଏୟାର ଇଣ୍ଡିଆ କାହିଁକି ଅଗ୍ରାଧିକାର ଦେଉ ନାହିଁ, ତାହା ବୁଝାପଡୁନାହିଁ।

ଏୟାର ଇଣ୍ଡିଆ କେବଳ ଏକ ଗମନାଗମନ କିମ୍ବା ପରିବହନକାରୀ ସଂସ୍ଥା ନୁହେଁ। ଏହି ବ୍ୟବସାୟିକ ଲକ୍ଷ୍ୟରୁ ଊର୍ଦ୍ଧ୍ୱରେ ଏଥିସହିତ ଯୋଡ଼ି ହୋଇଯାଇଛି ଭାରତୀୟତାର ଗର୍ବ ଓ ପ୍ରତୀକ। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଭରସା ଫେରିପାଇବା ସହିତ ଟାଟାର ସୁନାମକୁ ଏଥିସହିତ ସବୁଦିନ ପାଇଁ ଯୋଡ଼ି ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ବିମାନ ସେବାରେ ସାମୟିକ ବାତିଲ୍ ନିଷ୍ପତ୍ତି ଯଦି ହୋଇଥାଏ, ତେବେ ତାହା ସ୍ୱାଗତଯୋଗ୍ୟ। କାରଣ ଯାତ୍ରା ବିଳମ୍ବ କିମ୍ବା ବାତିଲ୍ ହେଉ ପଛକେ ସୁରକ୍ଷିତ ଯାତ୍ରା ସମସ୍ତଙ୍କ କାମ୍ୟ। ଏବେ ମଧ୍ୟ ଭାରତୀୟ ଅର୍ନ୍ତଜାତୀୟ ଉଡ଼ାଣ ପଥର ଏକଚାଟିଆ ମାଲିକାନା ଏୟାର ଇଣ୍ଡିଆ ହାତରେ ରହିଛି। କେବଳ ପରିଚାଳନାରେ ସୁଧାର, ଶୃଙ୍ଖଳା ଓ ସେବା ପ୍ରତି ଅଙ୍ଗୀକାରବଦ୍ଧତା ବଜାୟ ରହିଲେ ଏହି ସଂସ୍ଥା ସଙ୍କଟରୁ ମୁକୁଳି ବିଶ୍ୱ-ବ୍ୟୋମସେବାରେ ସିଂହଭାଗ ଦଖଲ କରିବାରେ ବିଶେଷ କଷ୍ଟ ହେବ ନାହିଁ। ●

## ମାନବର ସେବା ଓ ଅଙ୍ଗୀକାରବଦ୍ଧତା

ମନୋରଞ୍ଜନ ମହାନ୍ତି

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, 'ଆମେ ଗୋଟେ ମର୍ଯ୍ୟାଦାଜନକ ଇଂଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାସ୍ କଲାପରେ ବଡ଼ ସରକାରୀ ଇଂଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତା'କୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।' ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରିଛନ୍ତି ବା କରୁଛନ୍ତି, ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଏବଂ ଦେହାନ୍ତ ହେବାର କିଛିବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, 'ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କ୍ଲେରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚିରହି ବିଜ୍ଞାନରେ ଗବେଷଣା ଜାରି ରଖିଲେ ଏବଂ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନ୍‌ଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଏଡ୍ଡି ଷ୍ଟର୍ଣ୍ଣ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ। ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ୍ ଇଓର୍ ଲାଇଫ୍'। ଏଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କରେ ସେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ଚିହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ ପିଟର୍ସ୍ ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ସଂଗ୍ରହାଳୟରେ ସୁରକ୍ଷିତ ହୋଇ ରହିଛି। ତାଙ୍କର ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍‌ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ୍‌ର୍ ରୁଇଜ୍ କହନ୍ତି, 'ଯେତେବେଳେ ମୁଁ ମାଦ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।'

ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍ ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଏକ ସାକ୍ଷାତକାରରେ କହିଥିଲେ, 'ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।' ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲା ବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍. ଆର୍. ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିଶ୍ରୁତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଂକ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସଂପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା।' ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, '୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।'

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଏବଂ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୂପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ; ଏହା ସତ୍ୟ। ●

(ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଔଷଧ ମୁକ୍ତ ଜୀବନ ସମ୍ଭବ

ରାକେଶ ପଣ୍ଡା

ଆଜିର ସମୟରେ ପ୍ରଦୂଷିତ ପରିବେଶ, ଦୂଷିତ ବାୟୁ, ଦୂଷିତ ଜଳ ଓ ରାସାୟନିକ ପଦାର୍ଥ ଉପଯୋଗରେ ଉତ୍ପନ୍ନ ହେଉଥିବା ଶସ୍ୟ ଏବଂ ଖାଦ୍ୟ ପଦାର୍ଥ ଗ୍ରହଣ କରି ପ୍ରାୟ ପ୍ରତିଟି ମଣିଷ ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାଛଡ଼ା ଆଧୁନିକ ଜୀବନଶୈଳୀର ଅଭ୍ୟାସ, ଚାପଗ୍ରସ୍ତ ଦାୟିତ୍ୱବୋଧତା ଓ ଆଳସ୍ୟ ଯୋଗୁଁ ମଣିଷ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ। ପୁଣି ସେଥିରୁ ମୁକୁଳିବା ପାଇଁ ପ୍ରଥମ ସାହାରା ହେଉଛି ଔଷଧ। ଏପରିକି ଔଷଧ ବର୍ତ୍ତମାନ ମଣିଷ ପାଇଁ ଏକ ଅଭ୍ୟାସଗତ ଓ ସ୍ୱାଭାବିକ ଖାଦ୍ୟରେ ପରିଣତ ହୋଇଯାଇଛି। ଏପରିକି, ତାହା ଗୋଟିଏ ପରିବାରର ମାସିକ ଖର୍ଚ୍ଚ ସାରଣୀର ଏକ ଅଂଶ ପାଲଟିଛି।

ଔଷଧ ସେବନର ଅନେକ ଖରାପ ଓ ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ। ଫଳରେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ, ତାହା ଶରୀରରେ ଏକ ନୂଆ ରୋଗ ସୃଷ୍ଟି କରିଥାଏ। ଅତୀତରେ ସାଧାରଣତଃ ଲୋକମାନେ ଏଲୋପାଥି ଔଷଧ କ'ଣ ଜାଣୁ ନଥିଲେ। ସେତେବେଳର ପାଣି, ପବନ, ପରିବେଶ ଓ ଖାଦ୍ୟପଦାର୍ଥ ଶୁଦ୍ଧ ଥିଲା ଏବଂ ସେମାନେ ଆସନ୍ତା କାଲି କଥା ଚିନ୍ତା କରୁ ନ ଥିଲେ। ଫଳସ୍ୱରୂପ ମାନସିକ ସ୍ତରରେ ଚିନ୍ତାମୁକ୍ତ ଥିଲେ। ଅପରପକ୍ଷରେ, ଅଧିକ ଶାରୀରିକ ପରିଶ୍ରମ କରିବା ସହ ସାଧାରଣ ଦେହ ଖରାପ ହେଲେ ଦେଶୀ ପଦ୍ଧତିରେ ପ୍ରସ୍ତୁତ ହୋଇଥିବା ପ୍ରାକୃତିକ ଜଡ଼ିବୁଟି ଆଦି ବ୍ୟବହାର କରି ରୋଗମୁକ୍ତ ହେଉଥିଲେ।



କିଛିଦିନ ତଳେ ଏକ ଅଞ୍ଚଳରେ ଉଲ୍ଲେଖନୀୟ ଦୃଶ୍ୟ ଦେଖିବାର ସୁଯୋଗ ମିଳିଲା। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ରାଜପ୍ରାସାଦ ପରି ଘର ପଛ ଭାଗରେ ରହିଛି ଏକ ଭଲ ବଗିଚା ଏବଂ ଆଟୁ ଥିବା ଛଣ ଘରଟିଏ। ସେ ଘରେ ଥିଲା, ଶିଳ, ଶିଳପୁଆ, ଚକି, ଢିଙ୍କି, ବଡ଼ ହେମଦସ୍ତା, ଧାନଉଁସା କଡ଼େଇ ଏବଂ ଅତୀତରେ ବ୍ୟବହୃତ ହେଉଥିବା କିଛି ଉପକରଣ। ପଚାରି ଜାଣିଲି ସେ ପରିବାର ଲୋକେ ଏବେ ମଧ୍ୟ ଶିଳରେ ମସଲା ଓ ବିରି ବାଟୁଛନ୍ତି ଏବଂ ଚକି ଓ ଢିଙ୍କିକୁ ଧାନ, ଚାଉଳ ଓ ଗହମ ଆଦିର ବିଭିନ୍ନ ଖାଦ୍ୟପଦାର୍ଥ ତିଆରି ପାଇଁ ବ୍ୟବହାର କରୁଛନ୍ତି। ଘର ଖାଇବା ପାଇଁ ନିଜେ ଧାନ ଉଁସାଇ ଚାଉଳ ଉତ୍ପନ୍ନ କରୁଛନ୍ତି। ଛୋଟ ବାଡ଼ିରେ ନିଜେ ଖାଇବା ମୁତାବକ ଜୈବିକ ଖତ ବ୍ୟବହାର କରି ବିଭିନ୍ନ ପରିବା ଓ ଫସଲ ଉତ୍ପାଦନ କରୁଛନ୍ତି। ଗାଧୋଇବା, ହାତରେ ପୋଷାକ ସଫା କରିବା ଓ ଗଛରେ ପାଣି ଦେବା ନିମନ୍ତେ ହାତ ନଳକୂପ ବ୍ୟବହୃତ ହେଉଛି। ଅଧିକାଂଶ ସମୟରେ ଚୁଲିରେ ରୋଷେଇ ମଧ୍ୟ ହେଉଛି।

ପରିବାରର ମୁରବିଙ୍କ ଦର୍ଶନ ହେଲା ବିଦ୍ୟୁତ ଚାଳିତ ଯନ୍ତ୍ରରେ ନିଜର କାର୍ଯ୍ୟ କଲେ, ମଣିଷ ଅଳସୁଆ ଓ କୋଡ଼ିଆ ହେଇଯିବ। ବିଭିନ୍ନ ପ୍ରକାରର ରୋଗ ଧୀରେଧୀରେ ମାଡ଼ି ବସିବ। ଯଦି ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ନିଜେ ସମ୍ପାଦନ କରିବ ଏବଂ ସେଥିନିମନ୍ତେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବୈଦ୍ୟୁତିକ ଉପକରଣ ବ୍ୟବହାର ନ'କରି ପାରମ୍ପରିକ ଶୈଳୀକୁ ଆପଣେଇବ ତେବେ ଟଙ୍କା ଖର୍ଚ୍ଚ କରି ପ୍ରଭାତରେ ପ୍ରତ୍ୟହ କରୁଥିବା ଆଧୁନିକ ବ୍ୟାୟାମ କରିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ।

ପରିବାରର ପ୍ରତି ସଦସ୍ୟ ପ୍ରତ୍ୟହ ରାତ୍ରିରେ ଶୀଘ୍ର ଶୋଉଛନ୍ତି, ସକାଳେ ଶୀଘ୍ର ଶଯ୍ୟାତ୍ୟାଗ କରୁଛନ୍ତି। ପୁରୁଣା ଢଙ୍ଗରେ ଘର କାର୍ଯ୍ୟ କରୁଛନ୍ତି ଏବଂ ତା'ସହ ସନ୍ତୁଳିତ ଖାଦ୍ୟ ଖାଉଛନ୍ତି। ତେଣୁ ନିରାମୟ ଜୀବନଯାପନ କରିବା ସହିତ ଏଲୋପାଥି ଔଷଧରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି।

ଆଜିର ଏହି ଆଧୁନିକ ଓ ପ୍ରଦୂଷିତ ପରିବେଶ ମଧ୍ୟରେ ଆମେମାନେ ସ୍ୱାସ୍ଥ୍ୟକୁ ସବୁଠାରୁ ବଡ଼ ସମ୍ପଦ ଭାବରେ ମନେ କରି ନିଜର ଜୀବନଶୈଳୀକୁ ପ୍ରାକୃତିକ, ସାଧାରଣ ଓ ନିର୍ଦ୍ଧାରିତ ଢଙ୍ଗରେ ନିର୍ବାହ କରିବା ଉଚିତ। ଆଳସ୍ୟ ତ୍ୟାଗ କରି ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା, ପ୍ରଭାତରେ ସୂର୍ଯ୍ୟଙ୍କର କଅଁଳ କିରଣରେ କିଛି ସମୟ ବିତାଇବା, ବାହାରର ଦୂଷିତ ଓ ପରିତ୍ୟକ୍ତ କ୍ୟାଲୋରି ଯୁକ୍ତ ଖାଦ୍ୟ ପଦାର୍ଥକୁ ତ୍ୟାଗ କରି ଘରେ ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଗ୍ରହଣ, ଯୋଗ, ବ୍ୟାୟମ ଆଦି ପ୍ରତ୍ୟହ କରିବା, ସକାଳୁ କିଛି ସମୟ ଶାରୀରିକ ଶ୍ରମରେ ନିୟୋଜିତ ରଖିବା, ପୁରାତନ ଘରୋଇ ଯନ୍ତ୍ର ଯଥା ଶିଳ, ଶିଳପୁଆ, ଚକି, ଢିଙ୍କିରେ ଘରର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ, ଅଧିକ ସଞ୍ଚୟ କରିବାର ମାନସିକ ଚାପରୁ ନିବୃତ୍ତ ରହି ବର୍ତ୍ତମାନଙ୍କୁ ଅନୁସରଣ କରି କାର୍ଯ୍ୟ କରିବା, ବନ୍ଧୁ ଓ ପଡ଼ୋଶୀଙ୍କର ଧନ, ସମ୍ପତ୍ତି ଓ ରୋଜଗାରରେ ଅତ୍ୟଧିକ ପ୍ରେରିତ ନ'ହୋଇ ନିଜର ଇଚ୍ଛା, ଅଭିଳାଷକୁ ସୀମିତ ରଖିବା, ରାତ୍ର ସମୟରେ ଭୋଜନ କମ୍ ଗ୍ରହଣ କରିବା ଏବଂ ପର୍ଯ୍ୟାପ୍ତ ସମୟ ୭-୮ ଘଣ୍ଟା ଶୋଇବା ଆଦି ପ୍ରାକୃତିକ ଢଙ୍ଗରେ ନିଜର ଜୀବନ ନିର୍ବାହ କରିବା ଉଚିତ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କୁ ପ୍ରାୟତଃ ଡାକ୍ତର ଓ ଡାକ୍ତରଖାନାକୁ ଯିବାକୁ ପଡ଼ିବ ନାହିଁ ଏବଂ ଏଲୋପାଥି ଔଷଧ ମଧ୍ୟ ନିରନ୍ତର ଗ୍ରହଣ କରିବାକୁ ହେବ ନାହିଁ। ●

ବନ୍ଧାଲୋ(କଟକ) ମୋ: ୯୩୩୭୮୯୭୬୫୦

## ନେତ୍ରଜ୍ୟୋତି ବରଦାୟିନୀ

ବିଶ୍ୱାସ ଓ ବିଜ୍ଞାନ

ଓଜସ୍ୱିନୀ

ପ୍ରାରବ୍ଧ ବା ପୂର୍ବଜନ୍ମ କୃତକର୍ମ ଯୋଗୁଁ କେତେକ ହତଭାବା ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବା ବେଳେ ଆଉ କେତେଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହିତ ନେତ୍ରଜ୍ୟୋତି କ୍ଷୀଣ ହୋଇଯାଏ ବା ଦୃଷ୍ଟିଶକ୍ତି ହରାଇ ଥା'ନ୍ତି। ଆଉ କେତେଜଣଙ୍କ କ୍ଷେତ୍ରରେ ଚକ୍ଷୁରେ କେତେକ ସମସ୍ୟା ଯୋଗୁଁ ମଧ୍ୟ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ଅଧୁନା ଆଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଦୃଷ୍ଟିଶକ୍ତି ସମ୍ପର୍କିତ ଅନେକ ସମସ୍ୟାର ନିଦାନ ହୋଇପାରୁଛି। କିନ୍ତୁ ଶତ ପ୍ରତିଶତ ଦୃଷ୍ଟିଶକ୍ତି ଫେରାଇବାରେ ଏ ପର୍ଯ୍ୟନ୍ତ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିନାହାନ୍ତି। ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରାଇବାରେ ଅସମର୍ଥ ବିଜ୍ଞାନଠାରୁ ବିଜୟ ହାସଲ କରିଛି ଭଗବତ୍ ବିଶ୍ୱାସ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଦୃଷ୍ଟିହୀନ ବ୍ୟକ୍ତିମାନେ ବିଶ୍ୱାସ ବଳରେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇବାର କୃପା ଲାଭ କରିଛନ୍ତି।

ଉତ୍ତର ପ୍ରଦେଶର ଗୋଣ୍ଡ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର୍ ଦୂର ମୁକନ୍ଦପୁରରେ ମା' ବାରାହୀଙ୍କ ମନ୍ଦିର ଅଛି। ୫୧ ଶକ୍ତିପୀଠ ମଧ୍ୟରେ ୩୪ ତମ ଶକ୍ତପୀଠ ହେଉଛନ୍ତି ମା' ବାରାହୀ। ପୌରାଣିକ ଆଖ୍ୟାନ ଅନୁଯାୟୀ ଏଠାରେ ମାତା ସତୀଙ୍କର ମାଢ଼ି ପତିତ ହୋଇଥିଲା। ଏଠାରେ ମା' ଜ୍ୟୋତିର୍ପିଣ୍ଡ ଭାବେ ପୂଜା ପାଉଛନ୍ତି। ମାନ୍ୟତା ରହିଛି ଯେ ମା' ବାରାହୀଙ୍କ ଏହି ଶକ୍ତିପୀଠରେ ଭକ୍ତମାନେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ମନ୍ଦିର ପରିସରକୁ ଆଚ୍ଛାଦିତ କରି ରଖିଥିବା ୧୮୦୦ ବର୍ଷ ପୁରୁଣା ଏକ ବିରାଟ ବରଗଛର କ୍ଷୀର ଏବଂ ମା'ଙ୍କ ପାଦୁକା ନୀରକୁ ମା' ବାରାହୀଙ୍କୁ ସ୍ମରଣ କରି ଆଖିରେ ପକାଇବା ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ବାରାହୀଙ୍କ ଆଳତି ଏବଂ ମନ୍ଦିରରେ ପ୍ରଜ୍ୱଳନ ହେଉଥିବା ଦୀପର କଳାକୁ ଆଣି ଅଞ୍ଜନ ଭଳି ଆଖିରେ ଲଗାଇବା ଦ୍ୱାରା ଦୃଷ୍ଟିଶକ୍ତି ଫେରି ଆସିଥାଏ। ତେଣୁ ବିଶେଷ ଭାବେ ନବରାତ୍ରି ସମୟରେ ମା' ବାରାହୀଙ୍କ ପୀଠରେ ଭକ୍ତମାନଙ୍କ ସମାଗମ ଅଧିକ ପରିଲକ୍ଷିତ ହୁଏ। ମା' ବାରାହୀଙ୍କ ଏହି ମନ୍ଦିର ଉତ୍ତରୀ ଭବାନୀ ମନ୍ଦିର ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

ବରାହ ପୁରାଣ କଥା ଅନୁଯାୟୀ, ହିରଣ୍ୟକଶ୍ୟପୁର ଭାଇ ହିରଣାକ୍ଷଠାରୁ ବସୁଧାଙ୍କୁ ଉଦ୍ଧାର କରିବାକୁ ଶ୍ରୀବିଷ୍ଣୁ ବରାହ ଅବତାର ଧାରଣ କରିଥିଲେ। ଶ୍ରୀବିଷ୍ଣୁ ପାତାଳ ଲୋକକୁ ଯାଇ ହିରଣାକ୍ଷକୁ ସଂହାର କରିବା ପାଇଁ ମା' ବାରାହୀଙ୍କୁ ଆରାଧନା କଲେ। ଶ୍ରୀବିଷ୍ଣୁଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ମା' ବାରାହୀ ମୁକୁନ୍ଦପୁରର ସୁଖନୋଇ ନଦୀ ତଟରେ ଆବିର୍ଭୂତା ହେଲେ। ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ମଧ୍ୟ ଦେଇ ଶ୍ରୀବିଷ୍ଣୁ ପାତାଳପୁରକୁ ଗମନ କରି ହିରଣାକ୍ଷକୁ ସଂହାର କରିଥିଲେ। ଆଜି ମଧ୍ୟ ଉକ୍ତ ସୁଡ଼ଙ୍ଗ ମନ୍ଦିର ଭିତରେ ଅଛି। ତେଣୁ ଭଗବତ୍ ବିଶ୍ୱାସ ରହିଛି ଯେ, ଏଠାରେ ମା' ବାରାହୀ ଭକ୍ତମାନଙ୍କ ସମସ୍ତ ମନସ୍କାମନା ଅବିଳମ୍ବେ ପୂରଣ କରିଥା'ନ୍ତି।

କିମ୍ବଦନ୍ତୀରୁ ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ମନ୍ଦିର ଭିତରେ ଯେଉଁ ସୁଡ଼ଙ୍ଗ ଅଛି, ମାତା ସତୀଙ୍କ ଦୁଇଟି ଦାନ୍ତ ଦ୍ୱାରା ନିର୍ମିତ। ଏଠାରେ ମାତା ସତୀଙ୍କ ଦୁଇଟି ଦାନ୍ତ ପତିତ ହୋଇଥିଲା, ଯାହାକି ପାତାଳଲୋକ ପର୍ଯ୍ୟନ୍ତ ଗର୍ତ୍ତ ହୋଇଯାଇଥିଲା। ଲୋକକଥା ଅନୁସାରେ କୌତୁହଳବଶତଃ ଜଣେ ବ୍ୟକ୍ତି ଏହି ଗର୍ତ୍ତର ଗଭୀରତା ମାପିବା ପାଇଁ ଆସିଥିଲେ। କିନ୍ତୁ ଦେବୀଙ୍କ ପ୍ରକୋପରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଲେ। ପ୍ରାୟ ୪୦୦୦ ମିଟର ପର୍ଯ୍ୟନ୍ତ ଲମ୍ବ ଦଉଡ଼ିରେ ପଥର ବାନ୍ଧି ଏହି ଗର୍ତ୍ତ ଭିତରକୁ ଛଡ଼ାଯାଇଥିଲା। କିନ୍ତୁ ଗର୍ତ୍ତର ସଠିକ୍ ଗଭୀରତା ଜଣା ପଡ଼ି ନଥିଲା। ତେଣୁ ଆଜିପର୍ଯ୍ୟନ୍ତ ଏହି ଗର୍ତ୍ତର ସଠିକ୍ ଗଭୀରତା କେହି ଆକଳନ କରିପାରି ନାହାନ୍ତି।

ଈଶ୍ୱରୀୟ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବା ମନୁଷ୍ୟ ପାଇଁ ଏ ସଂସାରରେ ସବୁକିଛି ସମ୍ଭବ। ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ମା' ବାରାହୀଙ୍କ କୃପାରୁ ନେତ୍ରଜ୍ୟୋତି ଫେରି ପାଇଥିବା ଭକ୍ତମାନଙ୍କ ନିଜସ୍ୱ ଦିବ୍ୟ ଅନୁଭୂତି ଓ ଆନନ୍ଦାଶ୍ରୁ। ଏଭଳି ଦୈବୀକୃପା ପାଖରେ ସବୁବେଳେ ଚିକିତ୍ସା ବିଜ୍ଞାନ ହାର୍ ମାନିଛି ଏବଂ ମାନୁଥିବ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2554342 | 2555342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

■ ଶ୍ରୀମନ୍ଦିରରେ ପାଟବୋଳା ସେବା ମାମଲା

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୯ ।୬(ସମିସ): ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଳା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଙ୍ଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୨୫, ଜୁନ ୧୨ର ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସେହିଭଳି ଏବେ ଚାଲିଥିବା ଉକ୍ତ ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଙ୍ଗରେ ବିଚାର କରିବାକୁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବାଦ ଦେଲେ ସେବା ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ୨୦୨୫, ଜୁନ ୧୨ରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଳା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ମାନେ ପାଟରାବିଶୋୟୀ ସେବକ ଓ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ସେମାନଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଳା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଳା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ନବ ଦାସଙ୍କ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ଉ

ଝାରସୁଗୁଡ଼ା/ସମ୍ବଲପୁର,୧୯ ।୬(ସମିସ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ଚଢ଼ଉ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସ୍ୱର୍ଗତ ନବ ଦାସଙ୍କ ବାସଭବନରେ ଗୁରୁବାର ଭୋରୁ ଆୟକର ବିଭାଗ ଚଢ଼ଉ କରିଛି। ସେହିପରି ସମ୍ବଲପୁରରେ ଥିବା ତାଙ୍କ ପୁରୁଣା ବାସଭବନ, ଭିଏସଏସ ମାର୍ଗସ୍ଥିତ ହୋଟେଲ ଏବଂ ଭାଲୁପାଲିସ୍ଥିତ ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି।

ଏହି ଚଢ଼ଉରେ ଆୟକର ବିଭାଗ ସହିତ କିଛି ସିଆର୍‌ପିଏଫ୍ ଯବାନ ମଧ୍ୟ ସାମିଲ ରହିଥିଲେ। ଆୟକର ବିଭାଗ ଚଢ଼ଉ ବେଳେ ଆଉ କୌଣସି ଲୋକଙ୍କୁ ଭିତରକୁ ଛଡା ଯାଇ ନଥିଲା। କେବଳ ଆୟକର ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ଯିବାଆସିବା କରିଥିଲେ। ମଝିରେ ଆୟକର ବିଭାଗର ୨ ଅଧିକାରୀ ବାହାରକୁ କିଛି ସମୟ ପାଇଁ ଯାଇ ପୁଣି ଫେରି ଆସିଥିଲେ। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଘରେ ନଥିବା ବେଳେ ଚଢ଼ଉ ହୋଇଛି। ବର୍ତ୍ତମାନ ଦୀପାଳି ଦାସ ଭୁବନେଶ୍ୱରରେ ଥିବା ବେଳେ ବିଶାଳ ଦାସ ଦିଲ୍ଲୀରେ ଥିବା ସୂଚନା ମିଳିଛି।

# ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

## ଭୁବନେଶ୍ୱରରେ ବିରାଟ ଜନସମାବେଶ ପାଇଁ କଂଗ୍ରେସର ଯୋଜନା

ଭୁବନେଶ୍ୱର,୧୯।୬(ସମିସ): ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଜୁଲାଇ ୭ରୁ ୧୦ ତାରିଖ ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସି ଏକ ବିରାଟ ଜନସଭାକୁ ସମ୍ବୋଧିତ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ସୂଚନା ଦେଇଛନ୍ତି।


**AFFIDAVIT**

By virtue of an affidavit executed by before the court of Executive Magistrate Athgarh on Dt 18.06.2025. I Rita Naik D/o Nodha Naik of Vill-Dhurukudia Po-Megha Ps-Athgarh Dist-Cuttack declared that my actual name is Rita Naik but it was wrongly recorded as Soma Naik in my Aadhar Card. in School certificate and birth certificate my name recorded as Rita Naik. Hence I will be known as Rita Naik in all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.I Palace, Samantarapur, Bhubaneswar.

Contact **GADHWAL GROUP** Mob.: 9437015112

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, on dated 16.04.2025, I, Khirode Prasad Rout, S/o Basanta Rout, and son-in-law of Mrs. Draupadi Swain, resident of Bhubaneswar, Khordha, do hereby declare that the name of my Mother-in-law Mrs. Draupadi Swain has been incorrectly recorded as Doupadi Swain in her Aadhaar Card due to a typographical error. The correct name is Draupadi Swain. It is hereby clarified that Doupadi Swain and Draupadi Swain refer to one and the same person. This public notice is issued for the information of all concerned and for necessary correction in official records.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit No. 52, dtd. 18.06.2025 in the court of the Executive Magistrate, Nandapur, Dist-Koraput, I, Jogeswari Burudi have changed my name from Jogeswai Burudi to Jogeswari Burudi. Henceforth I shall be known as Jogeswari Burudi for all purposes.

Sd/- Jogeswari Burudi

**AFFIDAVIT**

I, Savita Agrawal, aged about 51 years, W/o- Kamal Kishor Agrawal, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1202, dtd. 19/06/2025 that now onwards I shall be known as **SABITA AGRAWAL** for all future purposes.

**AFFIDAVIT**

I, Swetarani Rath, aged about 39 years, W/o- Satyajit Joshi, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1201, dtd. 19/06/2025 that now onwards I shall be known as **SWETA JOSHI** for all future purposes.


## ଅବଶିଷ୍ଟାଂଶ...

### ଜୁଲାଇରୁ ଏଟିଏମ୍...

ପାଇଁ ୨.୫୦ ଟଙ୍କା,୧୦୦୦ ଟଙ୍କାରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୫ଟଙ୍କା,୧ ଲକ୍ଷ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୧୫ ଟଙ୍କା ଚାର୍ଜ ଦେବାକୁ ହେବ। ତେବେ ଏହି ସମସ୍ତ ଶୁଳ୍କ ଟିକସ ବିନା, ଅର୍ଥାତ୍, ଏଥିରେ ଟିକସ ପୃଥକ ଭାବରେ ଯୋଡାଯିବ। ପ୍ରତି ମାସରେ ତିନିଥର ମାଗଣା ନଗଦ ଉଠାଣ ପରେ, ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯଦି ଗୋଟିଏ ମାସରେ ୧ ଲକ୍ଷରୁ ଅଧିକ ଟଙ୍କା ଉଠାଇଥାନ୍ତି, ତେବେ ଆପଣଙ୍କୁ ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ଟଙ୍କା କିମ୍ବା ୧୫୦ ଟଙ୍କା (ଯେଉଁଟି ଅଧିକ ହେବ) ଶୁଳ୍କ ଦେବାକୁ ପଡିବ। ଡେବିଟ୍ କାର୍ଡରେ ଶୁଳ୍କ ବାବଦ ଏକ ସାଧାରଣ ଡେବିଟ୍ କାର୍ଡ ପାଇଁ ବାର୍ଷିକ ଶୁଳ୍କ ୩୦୦ ଟଙ୍କା ରଖାଯାଇଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ପାଇଁ, ଏହି ବାର୍ଷିକ ଶୁଳ୍କ ୧୫୦ ଟଙ୍କା। ଯଦି କାର୍ଡ ହଜିଯାଏ କିମ୍ବା ନଷ୍ଟହୁଏ, ତେବେ ନୂତନ କାର୍ଡ ପାଇବା ପାଇଁ ୩୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ।

ଆଇସିଆଇସିଆଇ ବ୍ୟାଙ୍କରେ ନଗଦ ଜମା, ଚେକ୍ ଜମା, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ପେ ଅର୍ଡର କଲେ ପ୍ରତି ୧୦୦୦ ଟଙ୍କା ପାଇଁ ୨ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏଥିରେ, ଗୋଟିଏ କାରବାରରେ ସର୍ବନିମ୍ନ ୫୦ ଟଙ୍କା ଏବଂ ସର୍ବାଧିକ ୧୫ ହଜାର ଟଙ୍କା ଶୁଳ୍କ ଲାଗିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଡ୍ରିମ୍ ୧୧, ଏମ୍‌ପିଏଲ୍ ଭଳି ଗେମିଂ ଆପ୍ ପାଇଁ ପ୍ରତି ମାସରେ ୧୦,୦୦୦ରୁ ଅଧିକ ଖର୍ଚ୍ଚ କଲେ ୧% ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ପ୍ରତି ମାସରେ ୪,୯୯୯ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହି କାରବାର ପାଇଁ ପୁରସ୍କାର ପଏଣ୍ଟ ଦିଆଯିବ ନାହିଁ। ସେହିପରି, ଯଦି ଗ୍ରାହକ ପେଟିଏମ୍,ମୋବିକ୍ୱିକ୍, ଫ୍ରିଚାର୍ଜ,ଓଲା ମନି ଭଳି ତୃତୀୟ ପକ୍ଷ ୱାଲେଟରେ ମାସକୁ ୧୦ ହଗାର ଟଙ୍କାରୁ ଅଧିକ ରଖନ୍ତି, ତେବେ ସେଥିରେ ମଧ୍ୟ ୧% ଶୁଳ୍କ ଲାଗୁ ହେବ, ଯାହାର ସର୍ବାଧିକ ସୀମା ମଧ୍ୟ ପ୍ରତି ମାସରେ ୪,୯୯୯ ଟଙ୍କା ହେବ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ...

ରାଜ୍ୟ ସରକାରଙ୍କର ନିଦ ଭାଙ୍ଗୁନାହିଁ। କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ଅପମିଶ୍ରିତ ଜଳ ଉତ୍ତୋଳନ ସ୍ଥାନ ଚିହ୍ନଟ କରାଯାଇଛି। ପାନୀୟ ଜଳ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି। ମାତ୍ର ଅନ୍ୟ ଜିଲ୍ଲାଗୁଡ଼ିକରେ ବିହିତ ପଦକ୍ଷେପ ନ ନେବାରୁ ଅବସ୍ଥା ଧୀରେ ଧୀରେ ସଂଗୀନ ହେବାରେ ଲାଗିଛି। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାବାଡ଼ି କର୍ମୀ ଓ ଆଶା ଦିଦିମାନେ ତୃଣମୂଳସ୍ତରରେ ସଚେତନ କରୁଥିବା କଥା ସରକାର କହୁଥିଲେ ହେଁ ଏହାର ପ୍ରଭାବ ଲୋକେ ଅନୁଭବ କରୁନାହାନ୍ତି।

### ହାଇକୋର୍ଟଙ୍କ ଉଦ୍‌ବେଗ...

ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ, ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସହରରେ ମୋଟ ୩ହଜାର ନଳକୂପରୁ ୨ ହଜାରଟି ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢ଼ଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ କରାଯାଇଛି।

### ଆଗକୁ ରଥଯାତ୍ରା...

କରି ଖାଇବା ପରେ ପ୍ଲେଟ୍ ଏଣେତେଣେ ପକାଇଥା'ନ୍ତି। ସେହିପରି ବହୁ ଲୋକ ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଶୁଅନ୍ତି। ଏଠିସେଠି ଝାଡ଼ା, ପରିଶ୍ରା ମଧ୍ୟ କରିଥା'ନ୍ତି। ଏଥିପାଇଁ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ପ୍ରଭୃତି ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡ଼େ। ସେହିପରି ବିଭିନ୍ନ ସାହିଗଳିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ପ୍ରଶାସନ ଏ ସବୁ ପ୍ରତି ସଜାଗ ଏବଂ ସତର୍କ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥାକୁ ସୁଧାରିପାରି ନଥାଏ। ଏହି ସମୟରେ ଝାଡ଼ାବାନ୍ତି ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।

ସେହିପରି ଆଉ ଏକ ସବୁଠୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ଖାଦ୍ୟ ପସରା ମେଲାଇଥା'ନ୍ତି। କିଏ ଡ୍ରେନ୍ ଉପରେ ତ ଆଉ କେହି ନାଳ କଡ଼ରେ ଠେଲା ଲଗାଇ ଯାତ୍ରୀଙ୍କୁ ଖାଦ୍ୟ ଦିଅନ୍ତି। ଅଧିକାଂଶ ଉଠାଦୋକାନୀ ବ୍ୟବହାର କରୁଥିବା ପାଣିର ଶୁଦ୍ଧତାକୁ ନେଇ ବି ଅନେକ ସମୟରେ ପ୍ରଶ୍ନ ଉଠିଛି। ରାସ୍ତାକାଡ଼ ଟ୍ୟାପ୍ ପାଣି ବ୍ୟବହାର କରି ସେମାନେ ଖାଦ୍ୟ ପ୍ରସ୍ତୁତ କରିଥା'ନ୍ତି। ତେବେ ଅନେକ ସମୟରେ ଟ୍ୟାପ୍ ପାଣି ପ୍ରଦୂଷିତ ହେବାର ନଜିର ରହିଛି। ବିଗତ ବର୍ଷରେ ମାଟିତଳେ ପାଇପ୍ ଫାଟି ଯାଇଥିବାବେଳେ ସେହି ପାଇପରୁ ଜଳ ବ୍ୟବହାର କରି ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏପରିକି ଏଥିରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ସେହିପରି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାର ଆଉ ଏକ କାରଣ ହେଉଛି କିଛି ହୋଟେଲ ଏବଂ ରେସ୍ତୋରାଁରେ ବାସିଖାଦ୍ୟ ଦିଆଯାଏ। ପରୋକ୍ଷରେ ଏହା ଝାଡ଼ାବାନ୍ତିର ମଧ୍ୟ କାରଣ ସାଜିଥାଏ। ତେଣୁ ସାମଗ୍ରିକ ଭାବେ ଦେଖିଲେ ରଥଯାତ୍ରା ସମୟ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ ତେବେ ପୁରୀରେ ଯେ ଝାଡ଼ାବାନ୍ତି ନ ବ୍ୟାପିବ ତାହାକୁ ଏଡ଼ାଇ ଦେଇହେବ ନାହିଁ।

### ମନ୍ତ୍ରୀଙ୍କୁ ଡାଇରିଆ...

୨୧ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟର ୧୧ ଜିଲ୍ଲାକୁ ଡାଇରିଆ ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଡାଇରିଆ ଡରରେ ବିଭାଗୀୟ ମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତିରୁ ଏକପ୍ରକାର ଓହରିଯାଇ ଜିଲ୍ଲାପାଳଙ୍କ ହାତକୁ ଏହି ଦାୟିତ୍ୱ ଟେକି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଡାଇରିଆରେ ଅଧିକ ପ୍ରଭାବିତ ଯାଜପୁର ସମେତ ଭଦ୍ରକ ଓ କଟକ ଜିଲ୍ଲାରେ ସ୍ଥିତି ଦେଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେବେ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରିବେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କଟକ ଜିଲ୍ଲାପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଅର୍ଥାତ୍ କଟକ ମହାନଗର ନିଗମ ବ୍ୟତୀତ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ।

ବିଦ୍ୟାଳୟ ଖୋଲିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫାସୁତୁରା, ପାଣି ଟାଙ୍କି, ରାସ୍ତାଘାଟ ଓ ଡ୍ରେନେଜ୍ ପରିଷ୍କାର ପରିଚ୍ଛନ୍ନ କରାଯିବ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଚାଉଳ ଓ ଆନୁସଙ୍ଗିକ ରୋଷେଇ ସାମଗ୍ରୀ ଯାଞ୍ଚ କରିବା, ସୁରକ୍ଷିତ ପିଇବା ପାଣି ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆଜି ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ସଫାସୁତୁରା କରିବା ସହ ପାଠପଢ଼ା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିଛନ୍ତି।

### ଘରେ ପଶି ଯୋଗ...

ପଶି ଥିଲେ। କବାଟ ଭାଙ୍ଗିବା ଶବ୍ଦରେ ଶିକ୍ଷୟିତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଜଣେ ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧି, ହାତରେ ଧାରୁଆ ଅସ୍ତ୍ର ଧରି ଘରେ ପଶିଥିବା ଦେଖି ସେ ପାଟି କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କୁ କାବୁ କରି ନେଇଥିଲା ଓ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ପାଟି ଖୋଲିଲେ ଜୀବନରେ ମାରିଦେବା ପାଇଁ ଯୁବକ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲା। ପୀଡ଼ିତା ବଳପ୍ରୟୋଗ କରି ସମ୍ପୃକ୍ତ ଯୁବକଙ୍କ କବ୍‌ଜାରୁ ମୁକୁଳିବାକୁ ଉଦ୍ୟମ କରିଥିଲେ ହେଁ ସକ୍ଷମ ହୋଇ ନ ଥିଲେ। ଦୁଷ୍କର୍ମ ପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ଯୁବକ ଧମକ ଦେଇ ଚାଲି ଯାଇଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାର ତଦନ୍ତ କରିବା ସହ ମୁଣ୍ଡାଳ ଗାଁର ବାପି ମଲିକ(୨୨) ନାମକ ଜଣେ ଯୁବକକୁ ଅଟକ ରଖିଛନ୍ତି। ଡ଼ାକ୍ତରଖାନାରେ ଚିକିତ୍ସାଧୀନ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ମାମୁ ଘର ଗାଁ...

ଖୋଜାଖୋଜି କରିଥିଲେ। ତେବେ ବହୁ ସମୟ ପରେ ପୋଖରି ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଲୋକସେବକ ମଣ୍ଡଳର...

କୋଷାଧ୍ୟକ୍ଷ, ସମ୍ପାଦକ ଭାବେ କାମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଏବେ ନିକଟରେ ସେ ପୁନର୍ବାର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜିମ୍‌ସାର ପ୍ରତିଷ୍ଠାରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଲବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମଣ୍ଡଳ ସଦସ୍ୟା ନିମିଶା ଅମିନ୍, ଅନୀତା ଗୋଏଲ, ନୈନା ବେନ୍ ଭେକାରିଆ, ମଣ୍ଡଳ ସଭାପତିଙ୍କ ପରାମର୍ଶଦାତା ରାମନାଥ ଝା, 'ସମାଜ' ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।


**BANAPHOOL ENGLISH MEDIUM SCHOOL**

At- Dandusmunda, Telkoi, Keonjhar

(Candidate are DeLed or CT can apply)

**WANTED TEACHERS**

P- 1 (TGT) -Odia, Computer (M /F)

P - 1 (+2 or +3) - Math ( F) for kg class

Contact - 9658043303, 9337954800

Email- jkodisha@gmail.com

**OFFICE OF THE PRINCIPAL**

**SIDDHARTHA DEGREE COLLEGE, BINKA,**

**DIST- SUBARNAPUR**

No. 388/ Dt. 18.6.25

**WALK-IN-INTERVIEW**

Walk-in-interview for engagement of Guest Faculties in Botany, Chemistry and Political Science and for one PET will be held on dt. 30.06.2025 at 11.00 A.M. Interested candidates having 55% marks at PG level for Lecturer and B.P.Ed for PET may attend the same with all relevant document with Rs. 200/- by cash.

Sd/-Principal-Cum-Secretary

PRINCIPAL

Siddhartha Degree CollegeBinka

**SAMAGRA SHIKSHA, BARGARH**

NOTICE INVITING TENDER (NIT) for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III"

No. 2279 Dated 19.06.25

Sealed tenders are invited from the reputed & credible Printers / firms / agencies for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III" in two bid systems (Technical & Financial Bid) as detailed below.

The detailed BID document is available in the website http://bargarh.odisha.gov.in & http://ssepa.odisha.gov.in. Interested and eligible printer / agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site.

Last date & time for submission of bid is up to 1.30 PM Dt. 30.06.2025.

Opening time & Date is 4.00 PM Dt. 30.06.2025. The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-Cum-Chairman

District Project Coordinator

SS, BARGARH

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର C-558

**OFFICE OF THE MUNICIPAL COUNCIL: JEYPORE**

Phone No.: 06854-231098, email: mlbjeypore@gmail.com

Letter No. 2591 / Date 18.06.2025

**Quotation call notice**

Sealed Quotations are inviting for Supply of user fee Books, Jeypore Municipality. The quotation will be received on or before 25.06.2025 1.00 PM and it will be opened on same day at 4.00 PM in presence of the agency or his authorized representative if any. If the date of opening falls on holidays. Then the next working date will be treated as date of opening at the same time. The authority reserves the rights to reject any or all tender without assigning any reason thereof. The quotationer should submit the PAN card & GST Registration certificate along with the quotation.

| Sl. NO. | Description | Unit | Quantity | Rate in Rs. |
|---|---|---|---|---|
| 1 | Supply of user fee Books | | | |

Executive Officer

Jeypore Municipality

OIPR-13079/11/0046/2526

**OFFICE OF THE NOTIFIED AREA COUNCIL, KOTPAD**

Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058

Phone No.:- 06860-295543, E.mail.I.D.:-

Letter No. 1177/NAC Date 18.06.2025

QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN GANDHICHHAKA, KOTPAD

Kotpad NAC invites tender for selection of Advertising Agency for Advertisement Space Rights on LED based Display Board at Traffic Square in Gandhi Chhak, Kotpad.

1. The detailed tender document can be down loaded from www.kotpadnac.in or can be availed from office and the Bid Document Cost of Rs. 2,000/- (Rupees Two thousand) only can be paid in shape of Bank Draft drawn in favour of Executive Officer, NAC Kotpad.
2. Bids should be submitted through Registered / Speed post addressed to the Executive Officer, NAC Kotpad.
3. Published Date and time 20.06.2025
4. Bid Document submission Start Date 21.06.2025
5. Bid Submission End Date and time 03.07.2025 at 5.00 PM
6. Bid Opening Date and time 04.07.2025 at 11.00 AM in the office of the undersigned.

Executive Officer

NAC Kotpad

OIPR-13182/11/0030/2526 C-553

**AFFIDAVIT**

I, Bikram Kumar Tayal, aged about 28 years, S/O- Shreeram Tayal, resident of Dhobapada, Khariar, Po- Khariar, Ps- Khariar, Dist- Nuapada, Pin- 766107, Odisha declare by this affidavit No. 1203, dtd. 19/06/2025, that now onwards I shall be known as **BIKRAM TAYAL** for all future purposes

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025. I, **Bajarang Lal Goel**, formerly known as Bajarang Lal Agrawal, S/o- Late Ramchandra Goel, permanent resident of At-Bargiguda, Ward No.2, Po/Ps-Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Bajarang Lal Agrawal To Bajarang Lal Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Bajarang Lal Goel** (new name).

Bajarang Lal Goel

**AFFIDAVIT**

I, Rashmita Rout, W/o- Sambit Mohapatra, resident of Kheras, Brahmansailo, Kheras, Dist- Cuttack, PIN- 754018, Odisha declared by this affidavit CF No. 65, dtd- 18/06/2025 that now onwards I shall be known as **RASMITA ROUT** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 10/02/2025. I **Gagan Chandra Singh**, F/O- Sai Prasad Singh, resident of Village-Pubakhanda, Po/Ps- Niali, Dist- Cuttack, Odisha have changed my minor son Name and date of birth from **SAID PRASAD SINGH to SAI PRASAD SINGH**, and DOB- **18/11/2015 to 18/11/2012**. Henceforth, my minor son name shall be known as **SAI PRASAD SINGH** and his actual DOB is **18/11/2012** for all future purposes.

Gagan Chandra Singh

**AFFIDAVIT**

By virtue of an affidavit sworn before the Executive Magistrate, Bissamcuttack, Dist-Rayagada, Odisha, Vide Affidavit Sl.No. 1605/2025, Dated 13/06/2025, that Sri SARANGADHARA PALAKA of Village- LAKHABHATA, Po-DUKUM, P.S.- BISSAMCUTTACK, Dist.- RAYAGADA Changed the name of his minor son as SHUBHAM PALAKA, date of birth is 18.04.2020 instead of SUVAMO PALAKA, date of birth 14.05.2020 which is wrongly recorded in Aadhaar Card. Hence forth the minor son shall be known as SHUBHAM PALAKA, date of birth is 18.04.2020 as per birth record for all purposes.

Sd/- Deponent

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025. I, **Kanta Devi Goel**, formerly known as Kanta Devi Agrawal, W/o- Bajarang Lal Goel, permanent resident of At-Bargiguda, Ward No.2, Po/Ps-Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Kanta Devi Agrawal To Kanta Devi Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kanta Devi Goel** (new name).

Kanta Devi Goel

**AFFIDAVIT**

By virtue of an affidavit sworn before **Executive Magistrate Bhubaneswar**, dated **18.06.2025** I, **Debendra Mahapatra** of **Village – Sarangadharpur, P.O. – Raj-Ranpur, P.S.- Ranpur, Dist – Nayagarh, Pin code-752026, Odisha** currently residing at **HIG-10, 7 Acre Area, OSHB, Phase-1, Chandrasekharpur, P.O./P.S.- Chandrasekharpur, Bhubaneswar-751016, Odisha** declare that I have changed the name of my minor daughter from **Snegha Mahapatra** to **Snegdha Mahapatra**. Henceforth, she shall be known as **Snegdha Mahapatra** for all purposes.

(Debendra Mahapatra)

**LOST**

I, **Sri Prakash Chandra Mahapatra**, aged about 60 years, Son of Late Rajkishore Mahapatra, resident of Village: Subudhipada, P.O.: Mangalpur, P.S.: Pipili, Dist.: Puri, Odisha, at present residing at Plot No.: 831/2918, Kharavel Vihar, Sishupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, do hereby solemnly affirm that, I have purchased a piece of Land from Ex-Service Mens' Multi-Purpose Co-operative Society Ltd. Bhubaneswar, Dist.: Khordha a Registered Society bearing Regd. No.: 141, dtd. 04.01.1992 under Orissa Co-operative Societies Act, 1962 (Act 2, 1963) rep. by its Secretary Sri Debadas Manasingh vide Doc. No.: 2197, dtd. 29th April, 1997. That, while I was coming from my village to present residential address by my bike on 16.06.2025 on the way the said original Regd. Sale Deed and other relevant documents has been lost/misplaced and inspite of my best efforts I could not trace it out. If anyone found the above Sale Deed and other documents please contact on my **Mob No.: 9393488195**

ଆଠମଲ୍ଲିକ ଦୌରାଜଜ୍‌ଙ୍କ ରାୟରେ ହାଇକୋର୍ଟଙ୍କ ଅସନ୍ତୋଷ

# 'ଦଣ୍ଡ ଶୁଣାଣି କେବଳ ଔପଚାରିକତା ନୁହେଁ'

● ଗୋଟିଏ ଦିନରେ ଦୋଷୀ ସାବ୍ୟସ୍ତ ଓ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା

● ଆବେଦନକାରୀ ଅଭିଯୁକ୍ତ ଓ ଅନୁଗୋଳ ଜେଲ୍ ଅଧୀକ୍ଷକଙ୍କୁ ତଥ୍ୟ ତଲବ

କଟକ, ୧୯ ।୬(ସମିସ)

ଦଣ୍ଡ ଶୁଣାଣି କେବଳ ଏକ ଔପଚାରିକତା ନୁହେଁ ବୋଲି ହାଇକୋର୍ଟ କହିବା ସହ ନିମ୍ନ ଅଦାଲତ ଦ୍ୱାରା ଗୋଟିଏ ଦିନରେ ଦୋଷୀ ସାବ୍ୟସ୍ତ ଏବଂ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ସେମାନଙ୍କ ସପକ୍ଷରେ ପ୍ରାସଙ୍ଗିକ ପ୍ରଶମନକାରୀ ପରିସ୍ଥିତି ଉପସ୍ଥାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ନ ଦେଇ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ସମାନ ଦିନରେ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିବା ଘଟଣାକୁ ଉଚ୍ଚ ଅଦାଲତ ନାପସନ୍ଦ କରିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଦୋଷୀଙ୍କୁ ସତ୍ୟପାଠ ମାଧ୍ୟମରେ ସେମାନଙ୍କ ସପକ୍ଷରେ 'ପ୍ରଶମିତକାରୀ କାରଣ' ଉପସ୍ଥାପନ କରିବାକୁ ଅନୁମତି ଦେଇ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆଇନ ଅନୁଯାୟୀ ଦଣ୍ଡାଦେଶର ଶୁଣାଣି ବାସ୍ତବ ଏବଂ ପ୍ରଭାବଶାଳୀ ହେବା ଉଚିତ; ଯାହା କେବଳ ଔପଚାରିକତା ନୁହେଁ। ଦୋଷୀ ଉପରେ ଦଣ୍ଡାଦେଶ ଲାଗୁ ବିଚାର କରିବା ସମୟରେ ଯଦି ଅଦାଲତ ଦ୍ୱାରା ଏକ ଅର୍ଥପୂର୍ଣ୍ଣ ଶୁଣାଣି ଗ୍ରହଣ କରାଯାଏ ନାହିଁ, ତେବେ ଏହା ଦୋଷୀଙ୍କ ପ୍ରତି ଗୁରୁତର ପକ୍ଷପାତ ସୃଷ୍ଟି କରିବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଖଣ୍ଡପୀଠ। ଦୋଷୀ ସାବ୍ୟସ୍ତ ତଥା ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିମାନେ ଏକ ପରିବାରର ତିନି ଜଣ ସଦସ୍ୟଙ୍କୁ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ରହିଥିଲା। ଆଠମଲ୍ଲିକ ଅତିରିକ୍ତ ଦୌରା ଜଜ୍ ୨୦୨୪ ସେପ୍ଟେମ୍ବର ୨୭ରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେହିଦିନ ଫାଶୀ ଦଣ୍ଡାଦେଶ ମଧ୍ୟ ପ୍ରଦାନ କରିଥିଲେ। ନିମ୍ନ ଅଦାଲତ ଦୋଷୀମାନଙ୍କୁ ସେମାନଙ୍କ ସପକ୍ଷରେ ଅଧିକ ତଥ୍ୟ ଦାଖଲ ପାଇଁ ସୁଯୋଗ ପ୍ରଦାନ ନ କରି କଠୋରତମ ଦଣ୍ଡାଦେଶ ପ୍ରଦାନ କରିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ଆବେଦନକାରୀଙ୍କୁ ଜୁନ୍ ୩୦ ସୁଦ୍ଧା ସେମାନଙ୍କ ସପକ୍ଷରେ ଦସ୍ତାବିଜ ସମ୍ବଳିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ସେହିଭଳି ଅନୁଗୋଳ ସର୍କଲ ଜେଲର ଅଧୀକ୍ଷକଙ୍କୁ ମଧ୍ୟ ଆବେଦନକାରୀଙ୍କ ଅତୀତ ଜୀବନ, ମାନସିକ ଅବସ୍ଥା ଏବଂ ଦୋଷୀ ସାବ୍ୟସ୍ତ ହେବା ପରେ ଆଚରଣ ବିଷୟରେ ରିପୋର୍ଟ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

● ପଞ୍ଚାୟତରେ ହେଉନି ବିକାଶ କାର୍ଯ୍ୟ

## ପ୍ରତିବାଦରେ କଳାବ୍ୟାଜ୍ ପିନ୍ଧିଲେ ସରପଞ୍ଚ ଓ ୱାର୍ଡ ମେମ୍ବର



ଛେଣ୍ଡିପଦା, ୧୯ ।୬(ସମିସ): ବିଜେପି ସରକାରଙ୍କ ପ୍ରଥମେ ବର୍ଷ ପୂର୍ତ୍ତି ଅବସରରେ ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଡୁଛି ବିକାଶ ରଥ। ଏହି ବିକାଶ ରଥ ଗୁରୁବାର ତେନ୍ତୁଲୋଇ କୋଡ଼ାସାହି ପଞ୍ଚାୟତରେ ପହଞ୍ଚିଥିବା ବେଳେ ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟମାନେ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ରଥ ପରିକ୍ରମାକୁ ବିରୋଧ କରିଛନ୍ତି। ଗତ ଗୋଟିଏ ବର୍ଷ ମଧ୍ୟରେ ପଞ୍ଚାୟତରେ କୌଣସି ବିକାଶ ମୂଳକ କାର୍ଯ୍ୟ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳପ୍ରଦ ହେଉ ନ ଥିଲା। ଗୁରୁବାର ସରକାରଙ୍କ ବିକାଶ ରଥ ତେନ୍ତୁଲୋଇ କୋଡ଼ାସାହି ପଞ୍ଚାୟତରେ ସକାଳ ସାଢ଼େ ୭ଟାରେ ପହଞ୍ଚିଥିଲା। ଏହାକୁ ମିଶନ ଶକ୍ତି ମା'ମାନେ ସ୍ୱାଗତ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରିୟଙ୍କା ସାହୁ ଓ ନାଏବ ସରପଞ୍ଚଙ୍କ ସମେତ ୬ରୁ ଊର୍ଦ୍ଧ୍ୱ ୱାର୍ଡ ମେମ୍ବର କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀ ଆମ ପଞ୍ଚାୟତରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କଲେ ବିକାଶ ରଥକୁ ସ୍ୱାଗତ କରିବୁ ବୋଲି ସେମାନେ କହିଛନ୍ତି। ଏହି ପ୍ରତିବାଦରେ ନାଏବ ସରପଞ୍ଚ ସୁମତୀ ପ୍ରଧାନ, ୱାର୍ଡ ମେମ୍ବର ବେଣୁଧର ଶାଳିମା, ତପସ୍ୱିନୀ ନାୟକ, ମାୟା ଦେହୁରୀ, ବନମାଳୀ ନାଏକ, କୁଞ୍ଜବିହାରୀ ସାହୁ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଡିକି ଭାଙ୍ଗି ୧.୧୯ ଲକ୍ଷ ଟଙ୍କା ଲୁଟ୍

● ଘର ତିଆରି ପାଇଁ ବ୍ୟାଙ୍କରୁ ଉଠାଇ ଫେରୁଥିଲେ

ଅନୁଗୋଳ, ୧୯ ।୬(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଜରଡ଼ା ଗାଁର ରଞ୍ଜନ କୁମାର ସାହୁଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୧ ଲକ୍ଷ ୧୯ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ରଞ୍ଜନ ତାଙ୍କ ଘର କାମ ପାଇଁ ଆଜି ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆରୁ ଟଙ୍କା ଉଠାଇଥିଲେ। ଟଙ୍କାକୁ ବାଇକ୍ ଡିକିରେ ରଖି ଗାଁକୁ ଫେରୁଥିଲେ। ହୁଲୁରିସିଂହା ନିକଟରେ ଏକ ଦୋକାନରୁ କିଛି ସାମଗ୍ରୀ କିଣିବାକୁ ସେ ଅଟକିଥିଲେ। ସେ ଦୋକାନରେ କିଣାକିଣି କରୁଥିବା ବେଳେ ତାଙ୍କୁ ପିଛା କରୁଥିବା ଲୁଟେରା ଡିକି ଭାଙ୍ଗି ଟଙ୍କା ନେଇ ପଳାଇଥିଲେ। ଦୋକାନରୁ ଫେରି ରଞ୍ଜନ ଏ ନେଇ ଜାଣିବାକୁ ପାଇଥିଲେ। ସେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ଦୁଇ ଦୁର୍ବୃତ୍ତ ବାଇକରେ ଆସି ଲୁଟ୍ କରିଥିବା ଜାଣିଥିଲେ। ରଞ୍ଜନ ଏ ସମ୍ପର୍କରେ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

## ବନ୍ଦର ସହରରେ ଦୁଇ ମାସ ପାଇଁ ଗୁପଚୁପ ବ୍ୟବସାୟ ବନ୍ଦ

ପାରାଦୀପ, ୧୯।୬(ସମିସ): ପାରାଦୀପ ପୌରାଞ୍ଚଳରେ ଡାଇରିଆ ନ ବ୍ୟାପିବା ନେଇ ପୌର ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା, ଯାଜପୁର ଓ ପଡୋଶୀ ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ପାରାଦୀପ ମ୍ୟୁନିସିପାଲଟି ପକ୍ଷରୁ ଆଗୁଆ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇ ମାସ ପାଇଁ ଗୁପ୍‌ଚୁପ୍ ବ୍ୟବସାୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ପାରାଦୀପ ମ୍ୟୁନିସିପାଲଟି ସଭାଗୃହରେ ଆୟୋଜିତ ବୈଠକରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିବାବେଳେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବସନ୍ତ ରାଉତ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ପାରାଦୀପ ବନ୍ଦର ଚିକିତ୍ସାଳୟର ବିଭାଗୀୟ ଅଧିକାରୀ ଓ ବିଭିନ୍ନ ୱାର୍ଡର ପରିମଳ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ପାରାଦୀପରେ କୌଣସି ଡାଇରିଆ ରୋଗୀ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ବର୍ଷା ଦିନ ଯୋଗୁଁ ଜଳ ନିଷ୍କାସନ, ଡେଙ୍ଗୁ, ମେଲେରିଆ ପାଇଁ ବିଭିନ୍ନ ପଦକ୍ଷେପ ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବନ୍ଦର ସହରରେ ଯେତେ ଗୁପଚୁପ ଦୋକାନୀ ରହିଛନ୍ତିଲ ସେମାନଙ୍କୁ ଦୁଇମାସ ପର୍ଯ୍ୟନ୍ତ ବେପାର ନ କରିବାକୁ ପରାମର୍ଶ ଦେବାକୁ ସ୍ଥିର ହୋଇଛି।

## ରକ୍ତ ଦେଇ ବୃଦ୍ଧଙ୍କ ଜୀବନ ବଞ୍ଚାଇଲେ ପୁଲିସ କର୍ମଚାରୀ

ଜଗତସିଂହପୁର, ୧୯।୬(ସମିସ): ଜଗତସିଂହପୁର ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ କନେଷ୍ଟବଳ ଶିବପ୍ରସାଦ ମହାନ୍ତି ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ



ଦେଇ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ଜୀବନ ବଞ୍ଚାଇଛନ୍ତି। କଟକ ଜିଲ୍ଲା ନିଆଳି ବ୍ଲକ ସିଠାଳ ଅଞ୍ଚଳର ମହେଶ୍ୱର ବଡୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବୃଦ୍ଧଙ୍କ ରକ୍ତ ଜରୁରୀ ଥିବାରୁ ତାଙ୍କର ବି ନେଗେଟିଭ ରକ୍ତ ମିଳି ନ ଥିଲା। ରକ୍ତ ନିହାତି ଆବଶ୍ୟକ ଥିବା ଡାକ୍ତର କହିବା ପରେ ପୁଅ ଚିନ୍ତାରେ ପଡ଼ିଥିଲେ। ସ୍ଥାନୀୟ ରକ୍ତଭଣ୍ଡାରକୁ ଯାଇ ଯୋଗାଯୋଗ କରିଥିଲେ। ରକ୍ତ ନ ଥିବା ଯୋଗୁଁ ଭାଙ୍ଗିପଡ଼ିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଶିବପ୍ରସାଦ ମହାନ୍ତି ତୁରନ୍ତ ମେଡ଼ିକାଲରେ ପହଁଚି ରକ୍ତଦାନ କରିଥିଲେ। ଜଣେ ପୁଲିସ କର୍ମଚାରୀଙ୍କ ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।


## ପାରାଦୀପଗଡ଼ ଓ ନିମିଢ଼ି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ପାରାଦୀପ, ୧୯।୬(ସମିସ): ପାରାଦୀପଗଡ଼ ଓ ନିମିଢି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତଥା ସଭାପତି ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଜଙ୍ଗ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି, କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ କାର୍ତ୍ତିକ ବିଶ୍ୱାଳ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଯୋଗଦେଇ ବାତ୍ୟା, ବନ୍ୟା ଓ ରାସାୟନିକ ଗ୍ୟାସ ବିପର୍ଯ୍ୟୟ ସମୟରେ କିପରି ପୀଡ଼ିତଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟ ସ୍ଥଳକୁ ଅଣାଯାଇ ସୁବିଧା ଯୋଗାଇ ଦିଆଯାଇପାରିବ, ସେ ସମ୍ପର୍କରେ ସଚେତନ କରିବା ସହିତ ପ୍ରତ୍ୟକ୍ଷ ଭାବେ କରିଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ନିମିଢ଼ି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳର ସମ୍ପାଦକ ମନୋଜ ରାଉତ, ପାରାଦୀପଗଡ଼ର ସମ୍ପାଦକ ସତ୍ୟନାରାୟଣ ମହାପାତ୍ର, ଦେବ ଦୁର୍ଲ୍ଲଭ କର, ଅଲେଖ ମହାପାତ୍ର, ମିନାକ୍ଷୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## କୁଞ୍ଜ ବିହାରୀଙ୍କ ବଡ଼ଦାଣ୍ଡରେ ବିସର ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସ୍ତାବ

କୁଜଙ୍ଗ, ୧୯।୬(ସମିସ): ଗଡ଼କୁଜଙ୍ଗର ପ୍ରସିଦ୍ଧ କୁଞ୍ଜ ବିହାରୀଙ୍କ ବଡ଼ଦାଣ୍ଡରେ ଓଡ଼ିଆ ପ୍ରାଣର ସ୍ପନ୍ଦନ ବିସର ମହାନ୍ତିଙ୍କ ଏକ କାଳ୍ପନିକ ପୂର୍ଣ୍ଣ ଅବୟବ ସ୍ଥାପନ ପାଇଁ ଦାବି ହୋଇଛି। ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ମନେ ପଡ଼ନ୍ତି ପରମ ଭକ୍ତ ବିସର ମହାନ୍ତି। ୧୫୬୮ରେ କଳାପାହାଡ଼ ପୁରୀ ମନ୍ଦିର ଆକ୍ରମଣ କରି ତିନି ଦାରୁମୂର୍ତ୍ତିଙ୍କୁ ଚମଡା ଦଉଡିରେ ବାନ୍ଧି ହାତୀ ପିଠିରେ ନେଇ ତତ୍କାଳୀନ ବଙ୍ଗଦେଶର ହୁଗୁଳି ନଦୀ କୂଳରେ ପୋଡିଦେବାର ଦାରୁଣ ଘଟଣାକୁ ଶ୍ରୀକ୍ଷେତ୍ରରୁ ଅନୁଧାବନ କରି ଚାଲିଥିଲେ କୁଜଙ୍ଗର ପରମ ବୈଷ୍ଣବ ବିସର ମହାନ୍ତି।



ନଦୀକୂଳରେ ତିନି ମୂର୍ତ୍ତିରେ ଅଗ୍ନି ସଂଯୋଗ କରି ଶେଷ ପର୍ଯ୍ୟନ୍ତ ନିଃଶେଷ ନ ହେବାରୁ ନଦୀରେ ଫିଙ୍ଗି ଦେଇ କଳାପାହାଡ଼ ଚାଲିଯିବା ପରେ ବିସର ମହାନ୍ତି ଦରପୋଡା ତିନିବିଗ୍ରହଙ୍କ ନାଭିବ୍ରହ୍ମକୁ ମୃଦଙ୍ଗ ଭିତରେ ଲୁଚାଇ କୁଜଙ୍ଗ ଚାଲିଆସିଥିଲେ ବୋଲି କିମ୍ବଦନ୍ତୀ ଓ ଶ୍ରୀକ୍ଷେତ୍ର ମାଦଳା ପାଞ୍ଜିରୁ ଜଣାଯାଏ। ବିପଦକୁ ଭ୍ରୁକ୍ଷେପ ନ କରି ମହାପ୍ରଭୁଙ୍କ ଦରପୋଡା ବ୍ରହ୍ମକୁ କୁଜଙ୍ଗରେ ସୁରକ୍ଷିତ ରଖିଥିବାରୁ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଭାବପ୍ରବଣକୁ ବିସର ମହାନ୍ତି ଯେଉଁ ମହନୀୟ କରିଛନ୍ତି ତାହା ଅତୁଳନୀୟ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ କହିଛନ୍ତି। ମହାପ୍ରଭୁଙ୍କ ତିନି ବ୍ରହ୍ମ ୧୫୬୮ରୁ ୧୫୭୫ ପର୍ଯ୍ୟନ୍ତ ତତ୍କାଳୀନ କୁଜଙ୍ଗ ରାଜ୍ୟ ବର୍ତ୍ତମାନର ଗଡ଼କୁଜଙ୍ଗରେ କୁଞ୍ଜ ବିହାରୀ ନାମରେ ନାମିତ ହୋଇରହିଥିଲେ। ପରବର୍ତ୍ତୀ ସମୟରେ ପୁରୀ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ କୁଜଙ୍ଗରୁ ବିଗ୍ରହଙ୍କୁ ନବକଳେବର କରାଇ ଶ୍ରୀମନ୍ଦିରକୁ ନେଇଥିଲେ। ବିସର ମହାନ୍ତିଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ କବି ଶ୍ରୀ ତରାଇଙ୍କ ସହିତ କୁଞ୍ଜ ବିହାରୀ କ୍ଷେତ୍ରର ସହଯୋଗୀ ସମାଜସେବୀ ସଞ୍ଜୟ ମହାନ୍ତି, ମନ୍ଦିର ପରିଚାଳନା ମୁଖ୍ୟ ରାଜନ ବେହେରା, ବିଷ୍ଣୁ ପ୍ରଧାନ ଓ ସମ୍ପଦ ବାରିକ ପ୍ରମୁଖ ଦାବି କରିଛନ୍ତି।

## ବଜ୍ରମହାକାଳୀ ବିଦ୍ୟାଳୟରୁ ଚୋରି

ପଟ୍ଟାମୁଣ୍ଡାଇ, ୧୯।୬(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଫାଣ୍ଡି ଅଧୀନ ସାନମାଣିତିଆ ପଞ୍ଚାୟତର ଜରିଆବାଡସ୍ଥ ବଜ୍ରମହାକାଳୀ ସରକାରୀ ଉପ୍ରା ବିଦ୍ୟାଳୟର କବାଟ ତାଡ଼ି ବହୁ ମୂଲ୍ୟବାନ ଜିନିଷପତ୍ର



ଚୋରି ହୋଇଥିବା ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ଛୁଟି ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ବିଦ୍ୟାଳୟରେ ପଶି ୫ଟି ଗୃହର ତାଲା ଭାଙ୍ଗି ଭିତରେ ଥିବା ଜିନିଷ ପତ୍ର ଚୋରି କରିନେଇଛି। ଲୁହା ଆଲମୀରାକୁ ତାଡି ତା' ଭିତରେ ଥିବା ୨ଟି ମୋବାଇଲ ଟାବଲେଟ, ମୂଲ୍ୟବାନ କାଗଜପତ୍ର ସମେତ ବିଦ୍ୟାଳୟ କାର୍ଯ୍ୟାଳୟଗୃହରେ ଥିବା ସିସିଟିଭି ହାର୍ଡଡିସ୍କକୁ ଚୋରି କରି ନେଇଯାଇଛି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଚଉଦକୁଲାଟ ଫାଣ୍ଡି ଅଧିକାରୀ ପ୍ରାଥମିକ ତଦନ୍ତ କରି ଫେରିଯାଇଥିବା ଜଣାପଡ଼ିଛି। ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ଗ୍ରହଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି, ଚୋରି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମର ସହାୟତା ନିଆଯିବ ବୋଲି ସେ କହିଛନ୍ତି।

## ବିକାଶ ରଥ ପରିକ୍ରମା



ପଞ୍ଚୁପାଣ୍ଡବ, ୧୯।୬(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିକାଶ ରଥର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ଗୃହ ନିର୍ମାଣ ବିଭାଗ ପକ୍ଷରୁ ଦେବେଶ କୁମାର ବେହେରା ଓ ପଞ୍ଚାୟତର ବାପୁଜୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବେଣୀପୁର, ରଘୁଦେଇପୁର ଓ ମଙ୍ଗଳପୁର ପଞ୍ଚାୟତରେ ରଥ ପରିକ୍ରମା କରିଥିଲା। ସରପଞ୍ଚ ମୋହନ ସାହୁ, ଭକ୍ତିଲତା ନାୟକ, ଇତିଶ୍ରୀ ନାୟକ ଓ ପଞ୍ଚାୟତ ପିଇଓ ମାନସ ରଞ୍ଜନ ମଳିକ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦୁର୍ଗା ହେମ୍ବ୍ରମ ନିଜ ନିଜ ପଞ୍ଚାୟତରେ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ। ଏମ୍‌ବିକେ ତୁଳସୀ ମଳିକ, ପ୍ରଣତୀ ଜେନା, ନିବେଦିତା ପରିଡ଼ା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଘୋଡ଼ା ନାଚ ଗୀତରେ ନିଶା ନିବାରଣ ସଚେତନତା କରାଯାଇଥିବାବେଳେ ଫରେଷ୍ଟ ବିଟ୍ ଅଫିସର ଚନ୍ଦ୍ରକାନ୍ତ ସାମଲ ଭ୍ରାମ୍ୟମାଣ ଚାରା ବିତରଣ କରିଥିଲେ।

## ସିଡିଏସ ପରୀକ୍ଷାରେ ରିତିକ ରୋଶନ ସଫଳ



ରାଜକନିକା, ୧୯।୬(ସମିସ): ସର୍ବଭାରତୀୟ ସଂଯୁକ୍ତ ପ୍ରତିରକ୍ଷା ସେବା ପରୀକ୍ଷା (ସିଡିଏସ) ପରୀକ୍ଷାରେ ରାଜକନିକା ବ୍ଲକ ତରାସ ଗ୍ରାମର ରିତିକ ରୋଶନ ଦଳାଇ ସଫଳତା ହାସଲ କରିଛନ୍ତି। ୯ ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ରିତିକଙ୍କ ବାପା ମାନସ ଦଳାଇ ବର୍ତ୍ତମାନ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳରେ ଏଏସଆଇ ଭାବେ କାର୍ଯ୍ୟରତ ଅଛନ୍ତି। ବାପାଙ୍କ ସେନା ମନସ୍କ ମନୋଭାବରେ ଉଦବୁଦ୍ଧ ହୋଇଥିବା ରିତିକ ଏହି ଲକ୍ଷ୍ୟ ନେଇ ଆଗଭର ହୋଇଛନ୍ତି। ଛୋଟବେଳୁ ନିଜକୁ ସେନାରେ ସାମିଲ ପାଇଁ ଶାରୀରିକ ଅଭ୍ୟାସ ଜାରି ରଖିଥିବାବେଳେ ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କଂଗ୍ରେସ ପାଳିଲା ରାହୁଲଙ୍କ ଜନ୍ମଦିନ



ଢେଙ୍କାନାଳ, ୧୯ ।୬(ସମିସ): ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ୫୫ତମ ଜନ୍ମଦିନ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ବିପ୍ରଚରଣ ସାହୁ, ଡା. ତୁଷାରକାନ୍ତି ନାୟକ, ବିନୟକୁମାର ସାହୁ, ଛବିରାଜ ବିଶ୍ୱାଳ, ଜିତେନ୍ଦ୍ର ସାହୁ, ସରୋଜ ଶତପଥୀ, ବନମାଳୀ ଦାସ, ଅବିନାଶ ପଣ୍ଡା, ଊର୍ମିଳା ଦାଶ, ସେଖ ସିରାଜୁଦ୍ଦିନ, ଗୟାରାମ ସେଠୀ, ସଂଗ୍ରାମ କିଶୋର ଦାସ, ନିଶାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଏହି ନେତାମାନେ ବୋରାପଦାସ୍ଥିତ ଅନାଥାଶ୍ରମକୁ ଯାଉ ଅନ୍ତେବାସୀଙ୍କୁ ବିସ୍କୁଟ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପିଲାମାନେ କେକ୍ କାଟି ରାହୁଲ ଗାନ୍ଧୀଙ୍କ ଶୁଭ ମନାସିଥିଲେ। ଆଶ୍ରମର ତତ୍ତ୍ୱାବଧାରକ ସୁଶାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ।

ସେହିପରି ଜିଲ୍ଲା ମହିଳା କଂଗ୍ରେସ ତରଫରୁ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନେତୃତ୍ୱରେ ଢେଙ୍କାନାଳ ଉପକଣ୍ଠ ବୋରାପଦାସ୍ଥିତ ଆଦୃତା ଶିଶୁଗୃହରେ କୁନି ପିଲାମାନଙ୍କ ଗହଣରେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଏଥିରେ ପୂର୍ବତନ ଜିଲ୍ଲା ସଭାପତି ସମରେନ୍ଦ୍ର ନନ୍ଦଙ୍କ ସମେତ ଦଳୀୟ କର୍ମୀ ପ୍ରେମଶଙ୍କର ମିଶ୍ର, ମହମ୍ମଦ ଅର୍ସଦ, ନୁରୁଲ୍ ଇସ୍‌ଲାମ୍, ପ୍ରିୟବ୍ରତ ଗଡ଼ନାୟକ, ଲକ୍ଷ୍ମୀଧର ନାୟକ, ଅକ୍ଷୁ



ବିହାରୀ, ରୁମିନା ବେଗମ୍, ନିତୁ ରାଏ, ନମିତା ନାଏକ, ଟିକିନା ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିଶୁଗୃହର ପିଲାମାନଙ୍କୁ ନେଇ କେକ୍ କଟାଯିବା ସହିତ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଜାଲପଦା ରଜ ମହୋତ୍ସବରେ କବିତା ଆସର



ଏରସମା, ୧୯।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର ଜାଲପଦା ଗ୍ରାମର ମହାବୀର ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ଶେଷ ରଜରେ ରଜ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସଂଗଠକ ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଶ୍ରୀମତୀ ମଞ୍ଜୁଲତା ରାଉତ, ମୁଖ୍ୟବକ୍ତା ଭାବେ ଜାତୀୟ ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସମ୍ମାନିତ ଅତିଥି ଭାବେ ସାରସ୍ୱତ ସଂଗଠକ ଡ. ସୁରେଶ ଚନ୍ଦ୍ର ପ୍ରଧାନ, ନବୀନ କୁମାର ପ୍ରଧାନ, କବି ରୁନିବାଳା ମଲ୍ଲିକ ଯୋଗଦେଇ ସେମାନଙ୍କର ବହୁମୂଲ୍ୟ ମନ୍ତବ୍ୟ ପ୍ରଦାନ କରିଥିଲେ। କୁନି କବି ସତ୍ୟରଞ୍ଜନ ସାହୁ, କବି ସୁଚିତ୍ରା ମଣ୍ଡଳ, ସରୋଜିନୀ ମିଶ୍ର, ଅରବିନ୍ଦ ସ୍ୱାଇଁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କବି 'ଆମ ଗାଁରେ ରଜ' ଶୀର୍ଷକ କବିତା ପାଠ କରିଥିଲେ। ଜାଲପଦା ରଜ ମହୋତ୍ସବ କମିଟି ସଭାପତି ମଧୁସୂଦନ ପଲାଇଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଓଡିଆ ସାହିତ୍ୟ ସଂସଦ ସଭାପତି ରମେଶ ବେହେରା ଓ ସମ୍ପାଦକ ମୃତ୍ୟୁଞ୍ଜୟ ଜୟସିଂହ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚାନ୍ଦୋଳ-ଗୋଲରାହାଟ ରାସ୍ତା

# କନ୍ଦରପୁର ନିକଟ ୭ ମିଟର ରାସ୍ତା ମରଣଯନ୍ତା

ଡେରାବିଶ, ୧୯।୬(ସମିସ)

କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ପୁଲିସ୍ ସହାୟତା କେନ୍ଦ୍ର ପାଖରୁ ବାହାରିଥିବା ଚାନ୍ଦୋଳ-ଗୋଲରାହାଟ ରାସ୍ତାର କନ୍ଦରପୁର ନିକଟରେ ମାତ୍ର ୭ ମିଟର ପାଖାପାଖି ରାସ୍ତା ନିର୍ମାଣ ନ ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି କେନ୍ଦ୍ରାପଡ଼ା (ରାସ୍ତା ଓ କୋଠାବାଡ଼ି) ବିଭାଜନ-୨ ଅଧୀନରେ ୧୦ ବର୍ଷ ତଳେ କଂକ୍ରିଟ୍ ଓ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ତେବେ ଏହି ୭ କିଲୋମିଟର ରାସ୍ତାର ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁରଠାରେ ପାଖାପାଖି ୭ ମିଟର



ରାସ୍ତାକୁ ସ୍ଥାନୀୟ ଜଣେ ବ୍ୟକ୍ତି ନିଜର ବୋଲି ଦାବି କରି ମାମଲା ଅଦାଲତକୁ ନେଇଥିଲେ। ସେତେବେଳେ ଠିକାଦାର ଏହି ବିବାଦୀୟ ସ୍ଥାନକୁ ଛାଡ଼ି ଅନ୍ୟ ରାସ୍ତାକୁ ସମ୍ପୂର୍ଣ୍ଣ କରି ଦେଇଥିଲେ। ଫଳରେ ସେବେଠାରୁ ଅଦ୍ୟାବଧି ଏହି ସ୍ଥାନରେ ରାସ୍ତା ନିର୍ମାଣ ହୋଇପାରିନାହିଁ। ପ୍ରତ୍ୟେକ ବର୍ଷ ବର୍ଷାଦିନେ ଏଠାରେ ଆଣ୍ଠୁଏ ପାଣି ଜମା ହୋଇ ରହିବା ସହିତ ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଥାଏ। ଯେଉଁଥିପାଇଁ ଯାତାୟାତରେ ଘୋର ଅସୁବିଧା ହେବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଲୋକେ ଅଭିଯୋଗ କଲେ ବିଭାଗ ପକ୍ଷରୁ କାଁ ଭାଁ ଏହି ସ୍ଥାନରେ କ୍ରସର ଗୁଣ୍ଡ ପକାଇ ଦେଇ ବିଭାଗ ଚୁପ୍ ହୋଇ ବସିଥାଏ। ଚଳିତ ବର୍ଷ ହେଉଥିବା ଲଘୁଚାପଜନିତ ବର୍ଷାରେ ଏହି ସ୍ଥାନରେ ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ତୁରନ୍ତ ବିଭାଗ ପକ୍ଷରୁ ଏହାକୁ ଦୃଷ୍ଟି ଦିଆଯାଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପରଜଙ୍ଗ ବାଇପାସ୍ ଛକରୁ ହାତୀଲୁଚାଣି ରାସ୍ତା ବିପର୍ଯ୍ୟସ୍ତ



ପରଜଙ୍ଗ, ୧୯ ।୬(ସମିସ): ତାଳଚେର ବହ୍ଲର ଛକରୁ ସରାଙ୍ଗ, ପିତିରି, ପରଜଙ୍ଗ ବାଇପାସ୍ ଛକ ଦେଇ କାମାକ୍ଷାନଗର ଦିଗକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଉପରେ ହାତୀଲୁଚାଣି ଛକ ରହିଛି। ପରଜଙ୍ଗ ବାଇପାସ ଛକରୁ ମାତ୍ର ଦେଢ଼ଶହ ମିଟର ଦୂରରେ ଏହି ଛକ ରହିଥିବା ବେଳେ ଏହାରି ମଧ୍ୟରେ

## ■ ପଥଚାରୀ ହନ୍ତସନ୍ତ

ରହିଛି ଘୋଡ଼ାଡିଆଁ ନାମକ ଏକ ନାଳ ପୋଲ। ଏହି ପୋଲକୁ ଲାଗି ଆଉ ଏକ ପୋଲ ନିର୍ମାଣାଧୀନ ଅବସ୍ଥାରେ ଥିବା ବେଳେ ବର୍ତ୍ତମାନ ଏହା ଦୀର୍ଘଦିନ ଧରି ଅଧପନ୍ତରିଆ ହୋଇ ପଡ଼ିରହିଛି। ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉଭୟ ପାର୍ଶ୍ୱର ରାଜପଥ ରାସ୍ତା ସଂଯୋଗ ହୋଇ ପାରୁନାହିଁ। ଫଳରେ ରାଜପଥ ଉପରେ ଉଭୟ ଦିଗରୁ ସମସ୍ତ ଯାନବାହାନ ଓ ପଥଚାରୀ ବାଇପାସ୍ ଛକରୁ ହାତୀଲୁଚାଣି ଛକ ଦେଇ ଯାତାୟାତ କରୁଛନ୍ତି। ବର୍ତ୍ତମାନ ବାଇପାସ୍ ଛକରୁ ହାତୀଲୁଚାଣି ପର୍ଯ୍ୟନ୍ତ ରହିଥିବା ରାସ୍ତା ଖାଲଖମାରେ ପରିଣତ ହୋଇଥିବାରୁ ପଥଚାରୀ ଓ ଯାନବାହାନ ଚାଳକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କିଛିଦିନ ତଳେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏନ୍‌ଏଚ୍‌ଏଆଇ ତରଫରୁ ଲୋକଦେଖାଣିଆ ଭାବେ ଖାଲଖମାଗୁଡ଼ିକ ଆଂଶିକ ମରାମତି କରାଯାଇଥିଲା। ବର୍ତ୍ତମାନ ରାସ୍ତା ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇଛି। ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଜାରି ରହିଥିବା ବେଳେ ପଥଚାରୀଙ୍କଠାରୁ ଆରମ୍ଭ କରି ଛୋଟ ଗାଡ଼ି ଚଳପ୍ରଚଳ କରିବା କାଠିକର ପାଠ ହୋଇପଡୁଛି। ୫୩ନଂ ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ କିପରି ଏହି ରାଜପଥ ଉପରେ ମୁଣ୍ଡେଇଲୋ ଛକ ଓ ଖଇରାମୁଣ୍ଡା ଗ୍ରାମ ନିକଟରେ ଟୋଲ ଗେଟ୍ କରାଯାଇ ଟୋଲ ଫି ଆଦାୟ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟୋଲ ଗେଟରେ ଟୋଲ ଫି' ଆଦାୟ କରିବାରେ ଅବହେଳା ନ ଥିବା ବେଳେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଗୁଡ଼ିକ ମରାମତି କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ପାଣିକାଦୁଅରେ ପଚପଚ ବ୍ଲକ୍ ରାସ୍ତା

ପରଜଙ୍ଗ, ୧୯ ।୬(ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ନିର୍ଦ୍ଧାରିତ ସମୟରେ ଗାଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଚାଲିଛି ପାଇପ ବିଛା କାର୍ଯ୍ୟ। ଠିକାସଂସ୍ଥା ମାଧ୍ୟମରେ ଜେସିବି ମେସିନ ସାହାଯ୍ୟରେ ରାସ୍ତା କଡ଼ରେ ମାଟି ଖୋଳାଯାଇ

## ● ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି ଜନସାଧାରଣ

ପାଇପ ବିଛାଇବା କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥା ମେସିନ ସାହାଯ୍ୟରେ ପାଇପ ବିଛାଇବା ପାଇଁ ରାସ୍ତା କଡ଼ରୁ ଯେଉଁ ମାଟି ଖୋଳୁଛି ତାହାକୁ ପୁଣି ତା' ଉପରେ ଘୋଡ଼ାଇ ଦିଆଯାଉଛି। ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଖୋଳାଯାଇଥିବା ମାଟିକୁ ରୋଲିଂ କରି ରାସ୍ତା ସହିତ ସମତଳ କରିବା କଥା। ଏହା ନ କରିବା ଦ୍ୱାରା ମାଟି ରାସ୍ତା ଉପରକୁ ଆସି ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ପରଜଙ୍ଗ ବଜାରରୁ ବ୍ଲକ ରାସ୍ତାରେ। ଏହି ରାସ୍ତାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଜନସାଧାରଣଙ୍କ ପାଇଁ ଅତି ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତା ଦେଇ କେତେକ ଗାଁର ଲୋକମାନେ ମଧ୍ୟ ଯାତାୟାତ କରୁଛନ୍ତି। ବର୍ତ୍ତମାନ ଏହି ରାସ୍ତା କଡ଼ରେ ପାଣି ପାଇପ ବିଛାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ମେସିନ ସାହାଯ୍ୟରେ ଖୋଳାଯାଇ ମାଟି ଘୋଡ଼ାଇ ଦିଆଯାଇଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ଗତ ଦୁଇଦିନ ଧରି ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ଫଳରେ ପାଇପ ଲାଇନ ପାଇଁ ଖୋଳାଯାଇଥିବା ମାଟି ତାହା ରାସ୍ତା କାଦୁଅ ପାଣିରେ ଭର୍ତ୍ତି ହୋଇଛି। ବିଶେଷକରି ମେଡିକାଲ ପ୍ରବେଶପଥ, ମେଡିକାଲ ସମ୍ମୁଖରେ ଥିବା ବୀର ବେନୁ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଦୃଶ୍ୟ କହିଲେ ନ ସରେ। ଏପରି ଅବସ୍ଥାରେ ମେଡିକାଲକୁ ଆସୁଥିବା ରୋଗୀ, ବ୍ୟବସାୟୀ, ଗ୍ରାହକ ଏବଂ ଜନସାଧାରଣଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାଣି ପାଇପ ବିଛାଉଥିବା ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମଶାବଂଶ ବୃଦ୍ଧି ରୋକିବାକୁ ଦାବି

ଭୁବନ, ୧୯ ।୬(ସମିସ): ବର୍ଷାଋତୁ ଆରମ୍ଭ ହୋଇଥିବା ବେଳେ ଅସରାଏ ବର୍ଷାରେ ନାଳନର୍ଦ୍ଦମାରେ ଅପରିଷ୍କାର ପାଣି ଜମିବା ସହ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ବ୍ଲକ ଓ ଏନଏସି ପକ୍ଷରୁ ଏହାର ପ୍ରତିକାର କରିବାକୁ ଦାବି ହେଉଛି। ଅପରିଷ୍କାର ପରିବେଶ ଓ ମଶାବଂଶ ବୃଦ୍ଧି ଯୋଗୁଁ ଡେଙ୍ଗୁ, ମେଲେରିଆ, ଡାଇରିଆ ବ୍ୟାପିବା ଆଶଙ୍କା ଦେଖାଦେଇଛି। ବିଗତବର୍ଷଗୁଡ଼ିକରେ ଏହି ରୋଗ ସାରା ଓଡ଼ିଶାରେ ବ୍ୟାପିଥିବା ବେଳେ ଭୁବନରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ଏହି ରୋଗର ପ୍ରତିରୋଧ କରିବା ସହ ଲୋକଙ୍କୁ ସଚେତନ କରାଇବା ଜରୁରୀ ହୋଇପଡ଼ିଛି। ଏନଏସି ଓ ଗ୍ରାମାଞ୍ଚଳରେ ନାଳନର୍ଦ୍ଦମା ସଫା ନ ହେବା ଓ ନାଳରେ ବ୍ଲିଚିଂ ପାଉଡର ପଡୁ ନ ଥିବାରୁ ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବହୁ ବର୍ଷ ପୂର୍ବରୁ ଡିଡିଟି ଏବଂ କୀଟନାଶକ ସିଞ୍ଚନ କରାଯାଉଥିଲା। ଫଳରେ ମାରାତ୍ମକ ମଶାଙ୍କ କବଳରୁ ତ୍ରାହି ମିଳୁଥିଲା। ଏବେ କିନ୍ତୁ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏଥିପ୍ରତି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଡିଭାଇଡର ଉପରେ ଚଢ଼ି ଓଲଟିଲା ପିକଅପ ଭ୍ୟାନ

### ■ ଡ୍ରାଇଭର ସହ ୩ ଗୁରୁତର



କାମାକ୍ଷାନଗର, ୧୯ ।୬(ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା କନ୍ତାରିପାଟ ଗ୍ରାମ ନିକଟରେ ଥିବା ବାଲାଜୀ କନଷ୍ଟ୍ରକ୍ସନ ସାମ୍ନାରେ ଭାରସାମ୍ୟ ହରାଇ ଲୁହା ଡିଭାଇଡର ଉପରେ ଚଢ଼ି ଓଲଟିଲା ପିକଅପ ଭ୍ୟାନ। ଏହି ଦୁର୍ଘଟଣାରେ ଡ୍ରାଇଭର ସମେତ ଗାଡ଼ିରେ ଥିବା ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତମାନେ ହେଲେ କଣ୍ଟାପାଳର ଚିନ୍ମୟ ବେହେରା, ଶୁଭମ ବେହେରା ଓ ବାଙ୍କୁଆଳର ଗଣେଶ୍ୱର ବେହେରା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଛନ୍ତି। ପିକଅପ ଭ୍ୟାନ ବଡ଼ସୁଆଁଳ ଗ୍ରାମରେ ଧାନ ଅନଲୋଡ୍ କରି କାମାକ୍ଷାନଗର ଅଭିମୁଖେ ଆସୁଥିବା ବେଳେ କନ୍ତାରିପାଟ ଗ୍ରାମ ନିକଟରେ ଡିଭାଇଡରରେ ଧକ୍କାହୋଇ ଜାତୀୟ ରାଜପଥ ମଝିରେ ଯାଇଥିବା ଲୁହା ଡିଭାଇଡର ଉପରେ ଚଢ଼ିଯାଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ପିକଅପ ଭ୍ୟାନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି।

### ■ ସପ୍ତାହକରେ ହାତୀ ଆକ୍ରମଣରେ ୨ ମୃତ, ଜଣେ ଗୁରୁତର

## ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ସାଂସଦ



ଖଜୁରିଆକଟା, ୧୯ ।୬(ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ପ୍ରତ୍ୟେହ ଦିନ ଏଠାରେ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି। ଗତ ସପ୍ତାହକ ମଧ୍ୟରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗତ ୩ ବର୍ଷରେ ୧୧୪ ଜଣଙ୍କ ମୃତ୍ୟୁ ହେଲାଣି। ତଥାପି ବନବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ। ବୁଧବାର ହାତୀ ଆକ୍ରମଣରେ ଝାଡୁବେରିଣୀ ଗ୍ରାମର ପ୍ରଦୀପ କୁମାର ଦାସଙ୍କ ମୃତ୍ୟୁ ହୋଇଥିବା ବେଳେ କିଛିଦିନ ପୂର୍ବେ ବାଘଧରିଆ ଗ୍ରାମର ବିପିନ ଗଡ଼ନାୟକଙ୍କ ମୃତ୍ୟୁ ହୋଇଥିଲା। କନ୍ତିମିଲି ଗ୍ରାମର ସୁରେଶ ଦେହୁରୀ ହାତୀ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଗୁରୁବାର ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ମୃତକ ପ୍ରଦୀପ ଓ ବିପିନଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ହିନ୍ଦୋଳ ବନାଞ୍ଚଳ ହାତୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇଥିବାରୁ ହାତୀମାନେ ଦିନ ଦ୍ୱିପ୍ରହରରେ ରାସ୍ତାରେ ଚଳପ୍ରଚଳ କରୁଛନ୍ତି। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବନବିଭାଗ ଲୋକଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ବିଶିଷ୍ଟ ସାହିତ୍ୟିକ ଈଶ୍ୱର ଚନ୍ଦ୍ର ସାମଲଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଗଁଦିଆ, ୧୯ ।୬(ସମିସ): ଢେଙ୍କାନାଳ ଲେଖକ ସଂସଦ ସଭାଗୃହରେ ବିଶିଷ୍ଟ ସାହିତ୍ୟିକ, କବି, ଲେଖକ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ସାମଲଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଈଶ୍ୱର ଚନ୍ଦ୍ର ସାମଲ ସ୍ମୃତି ସଂସଦ ସଭାପତି ସଂଗ୍ରାମ କେଶରୀ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଓ ଶିକ୍ଷାବିତ୍ ବିଜୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଈଶ୍ୱରଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ସାମଲ ଲେଖକ ସଂସଦ ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗଠନ ସହ ଅନେକ ଗଳ୍ପ ପୁସ୍ତକ, ଉପନ୍ୟାସ, କବିତା ପୁସ୍ତକ ଅନୁବାଦ କରି ଚିରସ୍ମରଣୀୟ ହୋଇ ରହିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କବୟିତ୍ରୀ ଉପମା ସାମଲ, ଜୋତିର୍ମୟୀ ନାଥ, କବି ବିଦ୍ୟାଧର ବାରିକ ଓ ବିପିନ ବିହାରୀ ଶତପଥୀ ସ୍ୱର୍ଗତ ସାମଲଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ଗାନ କରିଥିଲେ।

### ■ ମହିଷାପାଟ ଅଞ୍ଚଳରେ ବାରମ୍ବାର ଚୋରି

## ଲୋକେ ଆତଙ୍କିତ; ସୁରକ୍ଷା ଲୋଡ଼ିଲେ ବରିଷ୍ଠ ନାଗରିକ

ଢେଙ୍କାନାଳ, ୧୯ ।୬(ସମିସ): ସ୍ଥାନୀୟ ୮ ନଂ ୱାର୍ଡ ମହିଷାପାଟ ଓ ୯ ନଂ ୱାର୍ଡ କଣ୍ଟାକାଳୀ ଅଞ୍ଚଳରେ ବାରମ୍ବାର ଝରକା ତାଡ଼ି ଚୋରିକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୁରକ୍ଷା ନିମନ୍ତେ ପୁଲିସ ପ୍ରଶାସନକୁ ନିବେଦନ କରିଛନ୍ତି।

ଗତ କିଛିମାସ ଧରି ଏହି ଅଞ୍ଚଳରେ ବାରମ୍ବାର ଚୋରି ଯୋଗୁଁ ବରିଷ୍ଠ ନାଗରିକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କିଛିଦିନ ହେବ ସହରର ବିଭିନ୍ନ ଅଞ୍ଚଳରେ ଚୋରି, ଲୁଟପାଟ ବଢ଼ିଚାଲିଛି। ଲୁଟେରାମାନେ ବିଶେଷକରି ବୟସ୍କ ଲୋକ ରହୁଥିବା ଘରକୁ ଟାର୍ଗେଟ କରୁଛନ୍ତି। ଗ୍ରୀଲ ତାଡ଼ି ଲୁଟ୍‌ପାଟ କରୁଛନ୍ତି। ଗତ ୧୫ ଦିନ ମଧ୍ୟରେ ମହିଷାପାଟ ଅଞ୍ଚଳର ୬ଟି ଘରୁ ଚୋରି ହୋଇଛି। ଚୋରି ରୋକିବା ଦିଗରେ ପଦକ୍ଷେପ ନେବା ଓ ସୁରକ୍ଷା ଯୋଗାଇ ଦେବାକୁ ମହିଷାପାଟ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ଓ କର୍ମକର୍ତ୍ତାମାନେ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଟାଉନ ଥାନା ଅଧିକାରୀଙ୍କୁ ଭେଟି ସୁରକ୍ଷା ଯୋଗାଇଦେବା ସହ ଲୁଟେରାମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ମହିଷାପାଟ ଅଞ୍ଚଳରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ଏବଂ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ପାମୋଲିନ ଚାଷର ଉଦ୍‌ଘାଟନ



ଗଁଦିଆ, ୧୯ ।୬(ସମିସ): ସଦର ବ୍ଲକ ଅନ୍ତର୍ଗତ ବଣସିହ ନୂଆଗଡ଼ ଗ୍ରାମରେ ରଞ୍ଜନ କୁମାର ସ୍ୱାଇଁଙ୍କ ଫାର୍ମ ହାଉସରେ ପାମୋଲିନ ଚାରା ରୋପଣର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଉଦ୍ୟାନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଗିରୀଶ ଚନ୍ଦ୍ର ସ୍ୱାଇଁ, ଢେଙ୍କାନାଳ ଜିଲ୍ଲା ଉଦ୍ୟାନ ବିଭାଗ ନିର୍ଦ୍ଦେଶିକା ଗୀତା ପାଢ଼ୀ, ସଦର ବ୍ଲକ ଉଦ୍ୟାନବିତ ଦେବବ୍ରତ ପାତ୍ର, ପାମ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଡ. ରାଙ୍ଗା ନାଇକିଲୁ, ଲିଭ ପାମ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜର ଜି ରାମବାବୁ ଦୋରା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ଜ୍ଞାନ ନାୟକ ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥିମାନେ ରଞ୍ଜନଙ୍କ ଫାର୍ମ ହାଉସରେ ଢେଙ୍କାନାଳ ଜିଲ୍ଲାର ପ୍ରଥମ ପାମୋଲିନ ଚାରା ରୋପଣ କରିଥିଲେ। ଉଦ୍ୟାନ ବିଭାଗ ତଥା ଲିଭ ପାମ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ରଞ୍ଜନଙ୍କୁ ୧୨୦ ପାମୋଲିନ ଚାରା ପ୍ରଦାନ କରାଯାଇଛି। ନୂଆଗଡ଼ ଗ୍ରାମରେ ଏହି ଚାରା ପ୍ରଥମେ ରୋପଣ କରାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ଶ୍ରୀ ଶ୍ରୀ ସିଦ୍ଧମହାବୀର ମନ୍ଦିରର ୮ମ ବାର୍ଷିକ ଉତ୍ସବ

ଢେଙ୍କାନାଳ, ୧୯ ।୬(ସମିସ): ଜୁବୁଲି ଟାଉନସ୍ଥିତ ଅରବିନ୍ଦ ମାର୍ଗ ଶ୍ରୀ ଶ୍ରୀ ସିଦ୍ଧ ମହାବୀର ମନ୍ଦିର ପ୍ରତିଷ୍ଠାର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସକାଳ ୭ଟାରେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମନ୍ଦିର ପୂଜକ ବିଦ୍ୟାନାରାୟଣ ଦ୍ୱିବେଦୀ, ପଣ୍ଡିତ ରାଜକିଶୋର ମିଶ୍ର ଓ ତାଙ୍କ ସହଯୋଗୀମାନେ ପୂଜାକାର୍ଯ୍ୟ କରିଥିଲେ। କର୍ତ୍ତା ଭାବେ ଲିପୁନା ଷଡ଼ଙ୍ଗୀ ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନୀ



ଷଡ଼ଙ୍ଗୀ ଦାୟିତ୍ୱ ତୁଲାଇଥିଲେ। ଲକ୍ଷ୍ମୀବଜାର ସୀତାରାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ହଜାରେରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇ ପ୍ରସାଦସେବନ କରିଥିଲେ। ଆବାହକ ଭକ୍ତମଣି ନାୟକଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ କୁମାର ସ୍ୱାଇଁ, ବିଜୟ କୁମାର ସାହୁ, ସୌମ୍ୟରଞ୍ଜନ ଭୂତିଆ, ସୌମ୍ୟରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ବ୍ରହ୍ମ, କୈଳାସ ଚନ୍ଦ୍ର ରାଉତ, ନରେନ୍ଦ୍ର ବାରିକ, ପ୍ରଦୀପ ଜେନା, ନବ ମିଶ୍ର, ଗୋବିନ୍ଦ ସାହୁ, ଭଗବାନ ସେଠୀ, ସିଡି ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଜିଲ୍ଲାପାଳଙ୍କ ଅସ୍ଥାୟୀ କେଭି ଶ୍ରେଣୀଗୃହ ପରିଦର୍ଶନ

ହିନ୍ଦୋଳ/ଖଜୁରିଆକଟା, ୧୯ ।୬(ସମିସ)



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ସ୍ଥାପନ ପାଇଁ ଗତ ନିର୍ବାଚନରେ ବିଜେପି ଇସ୍ତାହାରରେ ମୁଖ୍ୟ ପ୍ରତିଶ୍ରୁତି ଥିଲା। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ମଞ୍ଜୁର ହେବା ପୂର୍ବରୁ ତଞ୍ଚକତା କରି ସଦର ମହକୁମା ପରିବର୍ତ୍ତେ ଅନ୍ୟତ୍ର ନିର୍ମାଣ ପାଇଁ ଷଡ଼ଯନ୍ତ୍ର କରି ସମସ୍ତ ପ୍ରସ୍ତୁତି ହୋଇଥିବା ଖବର ପାଇ ହିନ୍ଦୋଳ ବିଜେପିରେ ଦେଖାଦେଇଛି ଘୋର ଅସନ୍ତୋଷ। ଏ ନେଇ ଦଳ ମଧ୍ୟରେ ବିଦ୍ରୋହର ସ୍ୱର ଉଠିଛି। ଅନ୍ୟତ୍ର କେଭି ପ୍ରତିଷ୍ଠା ପ୍ରସ୍ତାବକୁ ଖୋଦ ବିଜେପି ବିରୋଧ କରୁଥିବା ବେଳେ ବିଜେଡି ମଧ୍ୟ ସମର୍ଥନ ଦେଇଛି। ସମସ୍ତ ଅନୁସଙ୍ଗିକ ସୁବିଧାସୁଯୋଗ, ଗମନାଗମନ, ବିଭାଗୀୟ କାର୍ଯ୍ୟାଳୟ ଥିବା ହିନ୍ଦୋଳ ସହରାଞ୍ଚଳରେ ବିଦ୍ୟାଳୟ ନିର୍ମାଣ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଦାବି କରିଛନ୍ତି। ଏହି ଦାବିକୁ ହିନ୍ଦୋଳ ଏନଏସି ଅଧ୍ୟକ୍ଷ, ଉପାଧାକ୍ଷା ସମେତ ବିଜେଡି ଓ ବିଜେପିର ସମସ୍ତ ୧୬ କାଉନସିଲର, ସମସ୍ତ ସାମାଜିକ ଅନୁଷ୍ଠାନ ମଧ୍ୟ ସମର୍ଥନ କରିଛନ୍ତି। ଆଗାମୀ ଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ବୁଧବାର ସ୍ଥାନୀୟ ଲୋକେ ଏ ନେଇ ଜୋରଦାର ଦାବିକରି ଉପଜିଲ୍ଲାପାଳଙ୍କୁ ଭେଟିବା ପରେ ଗୁରୁବାର ବିଦ୍ୟାଳୟଆରମ୍ଭ ପାଇଁ ପ୍ରସ୍ତାବିତ ହିନ୍ଦୋଳ ବାଳିକା ଉଚ୍ଚ ବିଦ୍ୟାଳୟର ଅବସ୍ଥିତି ଭିତ୍ତିଭୂମି ପରଖିଛନ୍ତି ଉପଜିଲ୍ଲାପାଳ ପ୍ରଭାସ ବେଉରା। ଏ ସଂକ୍ରାନ୍ତରେ ମଧ୍ୟ ହିନ୍ଦୋଳ ବିଧାୟିକାଙ୍କୁ ହିନ୍ଦୋଳର ଅଜୟ କୁମାର ଦାସ, କୁବେର କୁମାର ବେହେରା, ସୁଜିତ୍ କୁମାର ବେହେରା, ଅଭିରାମ ନାଏକ, ଶଙ୍କର ପଟ୍ଟନାୟକ, ଅବନୀ ବେହେରା ପ୍ରମୁଖ ଭେଟି ଆଲୋଚନା କରିଥିଲେ। ବିଧାୟିକା ସଦର ମହକୁମାରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅଞ୍ଚଳର ଅଜୟ ଦାସ, ଶେଷଦେବ ସାହୁ, ଗୋବିନ୍ଦ ବେହେରା, ଅମୂଲ୍ୟ ପ୍ରଧାନ, ଶରତ ଭୂତିଆ, ତୃପ୍ତିମୟୀ ବେହେରା, ଦୀପକ ରଞ୍ଜନ ବିଶ୍ୱାଳ, ପ୍ରମୋଦଶଙ୍କର ବେହେରା, ପ୍ରଦ୍ୟୁମ୍ନ ବେହେରା, ସନ୍ତୋଷ ବେହେରା, ବିଜୟ ବେହେରା, ରୁଦ୍ରନାରାୟଣ ଦାସ, ସୁମନ ଦାସ, ସୁବାସ ପାଳ, ଗୌତମ ମୁଦୁଲି, ବାପି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନ ହେଲେ ଆଗାମୀ ଦିନରେ ହିନ୍ଦୋଳ ବନ୍ଦ କରାଯିବା ସହ ଷଡ଼ଯନ୍ତ୍ରକାରୀ ନେତା ତଥା ବ୍ୟକ୍ତିଙ୍କୁ ଦୃଢ଼ ବିରୋଧ କରାଯିବ ବୋଲି ଦଳମତ ନିର୍ବିଶେଷରେ କୁହାଯାଇଛି।

# ରାସୋଳକୁ ଏନଏସି ମାନ୍ୟତା ନେଇ ପ୍ରଶ୍ନବାଚୀ

ଖଜୁରିଆକଟା, ୧୯ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଏନଏସି ମାନ୍ୟତା ପାଇଁ ସବୁ କ୍ଷେତ୍ରରେ ଯୋଗ୍ୟତା ସହ ସମସ୍ତ ମାନଦଣ୍ଡ ପୂରଣ କରୁଛି। ପୂର୍ବ ସରକାର ସମୟରେ ତତ୍କାଳୀନ ସାଂସଦ ମହେଶ ସାହୁ, ରାସୋଳ ବିକାଶ ପରିଷଦ ତଥା ତତ୍କାଳୀନ ବିଧାୟିକାଙ୍କ ଦାବି ଫଳରେ ସବୁ ଦୃଷ୍ଟିକୋଣକୁ ବିଚାର କରି ରାସୋଳକୁ ଏନଏସି ମାନ୍ୟତା ଦେବା ପାଇଁ ଘୋଷଣା କରାଯାଇଥିଲା। ଗତ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ୫୭ଟି ନୂଆ ଏନଏସି ଓ ୬ଟି ଏନଏସିକୁ



ପୌରପାଳିକାରେ ପରିଣତ କରିବାକୁ ବିଜେଡି ସରକାର କରିଥିବା ଘୋଷଣାରେ ନୂଆ ଏନଏସି ଭାବେ ରାସୋଳ ସ୍ଥାନ ପାଇଥିଲା। ମାତ୍ର ଗତ ନିର୍ବାଚନରେ ବିଜେଡି ସରକାରର ପତନ ସହ ରାସୋଳ ଏନଏସି ମାନ୍ୟତା ମଧ୍ୟ ଶୀତଳଭଣ୍ଡାରକୁ ଚାଲିଯାଇଛି। ସେତେବେଳେ ଏନଏସି ମାନ୍ୟତା ପାଇଁ ଗଳା ଫଟାଇ ଚିତ୍କାର କରୁଥିବା ନେତା, ସଙ୍ଗଠନ ଓ ଜନତା ମଧ୍ୟ ଶୀତଳଭଣ୍ଡାରର ବରଫ ପାଲଟି ଯାଇଛନ୍ତି। ସ୍ଥାନୀୟ ନେତାମାନେ ରାଜନୀତି ପାଇଁ ଅଞ୍ଚଳର ଉନ୍ନତିକୁ ଜଳାଞ୍ଜଳି ଦେଉଥିବା ଦେଖିବାକୁ ମିଳୁଛି। ଫଳରେ ଏଠାରେ ରାଜନୀତି ପ୍ରବଳ କାମ ଦୁର୍ବଳ ବୋଲି ଜନତା ମତବ୍ୟକ୍ତ କରିଛନ୍ତି। ରାସୋଳ ଏନଏସି ମାନ୍ୟତା ପାଇଲେ ପୂର୍ବ ବିଜେଡି ସରକାର ବାହାବା ନେଇଯିବେ ସେଥିପାଇଁ ନୂଆ ବିଜେପି ସରକାର ଏନଏସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ରାସୋଳକୁ ଏନଏସି ମାନ୍ୟତା ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିକାଶ ବାହାନ ଉଦଘାଟିତ



ଢେଙ୍କାନାଳ, ୧୯ ।୬(ସମିସ): ସଦର ବ୍ଲକ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିକାଶ ବାହାନ ଉଦଘାଟିତ ହୋଇଛି। ସରପଞ୍ଚ ଦାୟିତ୍ୱରେ ଥିବା ସୁମିତ୍ରା ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ, ପିଆର ଅଧିକାରୀ, କାଙ୍କଡ଼ପାଳ ଆରଆଇ ପ୍ରିୟଙ୍କା ପରିଡ଼ା, ସିଆରପି, ଅଙ୍ଗନବାଡ଼ି କର୍ମୀ ଆଶାକର୍ମୀ, ଏଏନମ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ରାସନ କାର୍ଡ, ଆୟୁଷ୍ମାନ କାର୍ଡ ଆଦି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ ଯୋଗଦେଇଥିଲେ।

## ଭାରିଗଡାରେ ଚୋରା କାଠ ବେପାର ଅଭିଯୋଗ

**ରାଜକନିକା, ୧୯।୬(ସମିସ):** ରାଜକନିକା ଅଞ୍ଚଳରେ ଚୋରା କାଠ ବ୍ୟବସାୟୀ ସାଇଜ କାଠ, କବାଟ, ଦୁଆରବନ୍ଧ, ଝରକା ବନ୍ଧ, ଖଟ, ପଲଙ୍କ ଓ ବିଭିନ୍ନ ସୌଖିନ ଆସବାବପତ୍ର ପାଇଁ ଶାଗୁଆନ, ଶାଳ, ପିଆଶାଳ, ଗମ୍ଭାରୀ, ଆକାଶୀ ଭଳି ଦାମୀ କାଠର ଚୋରା ବେପାର ଜାରି ରଖିଛନ୍ତି। ଦିନ ଦ୍ୱିପହରେ ଶହ ଶହ ଗାଡ଼ି କାଠ ଆସିବା, ବିକ୍ରି ହେବା ଜାରି ରହିଥିଲେ ବି ବନ ବିଭାଗ କର୍ମଚାରୀ ଏସବୁ ଚୋରା କାରବାର ଜାଣି ବି ଚୁପ୍ ରହିଛନ୍ତି। ଏଭଳି କାଠ ମାଫିଆଙ୍କ ସହ କନିକା ରେଞ୍ଜ ବନବିଭାଗ କର୍ମଚାରୀ ଓ ଅଧିକାରୀଙ୍କ, ଜିଲ୍ଲା ପ୍ରଶାସନର ଭିତିରିଆ ବୁଝାମଣା ଥିବା କହି ଏହି ମାଫିଆ ଚୋରା କାଠ ବେପାର ଜାରି ରଖିଛନ୍ତି। ଅତୀତରେ ସ'ମିଲ ଚଳାଇ ଦୀର୍ଘ ବର୍ଷ ବେପରୁଆ ରୋଜଗାର କରିବା ପରେ ଧରପଗଡ଼ ହେବାରୁ ବନ୍ଦ ରହିଥିଲା। ଏବେ ପୁଣି ସେହି ଚୋରା କାଠ ବେପାର ଚଳାଇଛନ୍ତି। ଏହି ବେଆଇନ ଚୋରା କାଠ ବେପାର ଉପରେ ଚଢ଼ଉ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ମାନପୁର ଘାଟରେ ଅସୁରକ୍ଷିତ ଯାତ୍ରା

## ଚେତୁନି ପ୍ରଶାସନ, ବାଜିରେ ଲାଗିଛି ଜୀବନ

**ରାଜକନିକା, ୧୯।୬(ସମିସ)**



ରାଜକନିକା ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ମାନପୁର ଘାଟରେ ଯାତ୍ରୀ ପରିବହନ ଏବେ ବିପଜ୍ଜନକ ଭାବେ ଚାଲିଛି। ଆବଶ୍ୟକତାଠାରୁ ବହୁ ଯାତ୍ରୀ ଡଙ୍ଗା ଯୋଗେ ନଦୀ ପାର ହେଉଥିବାରୁ ଆସନ୍ନ ଦୁର୍ଘଟଣା ଜଳ ଜଳ ଦିଶୁଛି। ଏମିତିକି ନଦୀ ପାର ହେଉଥିବା ଯାତ୍ରୀଙ୍କ ପାଇଁ ସୁରକ୍ଷା ଜ୍ୟାକେଟ୍‌ର ବ୍ୟବସ୍ଥା ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

ସୂଚନା ମୁତାବକ, ମାନପୁର ଘାଟ ଏକ ବ୍ୟସ୍ତବହୁଳ ଘାଟ। ପ୍ରତିଦିନ ଏହି ଘାଟ ଦେଇ ଶହ ଶହ ଲୋକ ନଦୀ ପାର ହୋଇଥା'ନ୍ତି। ରାଜ୍ୟର କୋଣ ଅନୁକୋଣରୁ ଶୈବ ପୀଠ ଆରଡି ଧାମକୁ ବହୁ ଶ୍ରଦ୍ଧାଳୁ ଆସିଥା'ନ୍ତି। ସଡ଼କ ପଥରେ ସୁବିଧା ଥିଲେ ହେଁ ବହୁ ଶ୍ରଦ୍ଧାଳୁ ଡଙ୍ଗା ଯୋଗେ ପାର ହୋଇ ଆରଡି ଧାମକୁ ଯିବାକୁ ପସନ୍ଦ କରନ୍ତି। ତେବେ ଅସୁରକ୍ଷିତ ଏହି ଘାଟରେ ଜେଟି ନିର୍ମାଣ ହୋଇ ନ ଥିବାରୁ କାଦୁଅରେ ପଶି ମଝି ନଦୀକୁ ଯିବାକୁ ପଡ଼େ। ଏହାଛଡା ଏହି ନଦୀରେ କୁମ୍ଭୀର ଭୟ ଲାଗି ରହିଛି। ଏଥିପାଇଁ ନଦୀକୂଳରେ ବନ ବିଭାଗ ପକ୍ଷରୁ କୁମ୍ଭୀର ପ୍ରତି ସାବଧାନ ବୋଲି ସଚେତନତା ଫଳକ ଲାଗିଛି। ତେବେ ନଦୀରେ ପଶି ଅସୁରକ୍ଷିତ ଭାବେ ଡଙ୍ଗା ପାଖକୁ ଯିବାକୁ ବି କୁମ୍ଭୀର ଆକ୍ରମଣର ଭୟ ରହିଛି। ଡଙ୍ଗାରେ ପ୍ରାୟତଃ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ ହେବା ସହିତ ବହୁ ମାତ୍ରାରେ ମଟର ବାଇକ୍ ବି ଲଦା ହେଉଛି ବୋଲି ସମାଜସେବୀ ବିନୋଦ ନାୟକ ଆଜି ପ୍ରତ୍ୟକ୍ଷ ଭାବେ ସେଠାରେ ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନର କୌଣସି ନିର୍ଦ୍ଦେଶକୁ ଅନୁପାଳନ ନ କରି ଘାଟ ଡଙ୍ଗା ଖୁଲମଖୁଲା ଯାତ୍ରୀ ପରିବହନ କରୁଛି। ଫଳରେ ଜୀବନ ଏଠାରେ ବାଜିରେ ଲାଗିଛି। ତୁରନ୍ତ ପ୍ରଶାସନ ଗମ୍ଭୀରତା ପୂର୍ବକ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏହି ନଦୀ ଉପରେ ଏକ ସେତୁ ନିର୍ମାଣର ଦୀର୍ଘଦିନର ଦାବି ପୂରଣ ହେବାର ଆବଶ୍ୟକତା ରହିଛି।

### ନିଶା ନିବାରଣ ସଚେତନତା

## ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା



**ଜଗତସିଂହପୁର, ୧୯।୬(ସମିସ):** ଜଗତସିଂହପୁର ଜିଲ୍ଲା ୮ଟି ବ୍ଲକ ଅଞ୍ଚଳର ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନରେ ନିଶା ନିବାରଣ ସଚେତନତା ସମ୍ପର୍କିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକର ଏରସମା ଉଚ୍ଚବିଦ୍ୟାଳୟ, ବାଲିକୁଦା ବ୍ଲକର ଆମ୍ବଶାଳ ଉଚ୍ଚବିଦ୍ୟାଳୟ, ରଘୁନାଥପୁର ବ୍ଲକର ପିସି ବିଦ୍ୟାମନ୍ଦିର, ଜଗତସିଂହପୁରର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବିରିଡ଼ି ବ୍ଲକର ଅଣଖିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ନାଉଗାଁ ବ୍ଲକର ନାଉଗାଁ ହାଟ ଉଚ୍ଚବିଦ୍ୟାଳୟ, କୁଜଙ୍ଗ ବ୍ଲକର ପଙ୍କପାଳ ଉଚ୍ଚବିଦ୍ୟାଳୟ ଓ ତିର୍ତ୍ତୋଲ ବ୍ଲକର ନାଉଗିରା ଆଖଣ୍ଡଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ଅବକାରୀ ଓ ଜିଲ୍ଲା ଗଣଶିକ୍ଷା ବିଭାଗ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନିଶା ସେବନରର କୁପରିଣତି ଓ ଅପକାରିତାକୁ ପ୍ରବନ୍ଧ ଓ ବକ୍ତୃତା ମାଧ୍ୟମରେ ପରିପ୍ରକାଶ କରିଥିଲେ। ଏଥିସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଚାର ପତ୍ର ବଣ୍ଟନ କରାଯାଇ ସେମାନଙ୍କୁ ନିଶାର ଅପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା।

## ଜଗତଯୋରରେ ମକ୍‌ଡ୍ରିଲ୍



**ମହାକାଳପଡ଼ା, ୧୯।୬(ସମିସ):** ମହାକାଳପଡ଼ା ବ୍ଲକ ସୁନୀତି ପଞ୍ଚାୟତ ଜଗତଯୋର ବହୁମୁଖୀ ବାତ୍ୟାବନ୍ୟା ଆଶ୍ରୟସ୍ଥଳ ପରିସରରେ ଗୁରୁବାର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାତ୍ୟାବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଉଦ୍ଧାର, ଚିକିତ୍ସା ଓ ପରିଚାଳନା ସମ୍ପର୍କରେ ଅଭ୍ୟାସ କରାଯାଇ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବାତ୍ୟା ଆଶ୍ରୟସ୍ଥଳୀ କମିଟି ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ମନୋଜ ପାତ୍ର, ସରପଞ୍ଚ ଭଗବତୀ ମଣ୍ଡଳ, ଅଙ୍ଗନବାଡି ସୁପରଭାଇଜର ଛବିତା ସାମଲ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଧର ପ୍ରଧାନ, ଫକୀର ସ୍ୱାଇଁ, ଅନୁପ ମଣ୍ଡଳଙ୍କ ସମେତ ଛାତ୍ରଛାତ୍ରୀ, ୱାର୍ଡମେମ୍ବର, ଗ୍ରାମବାସୀ, ଅଙ୍ଗନବାଡି କର୍ମୀ, ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଦସ୍ୟସଦସ୍ୟା, ଏସଏଚଜି ସଦସ୍ୟା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମହାକାଳପଡ଼ା ବ୍ଲକ ପ୍ରଶାସନ ଓ ଓସଡମା ପକ୍ଷରୁ ଏହି ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ



**ମାର୍ଶାଘାଇ, ୧୯।୬(ସମିସ):** ମାର୍ଶାଘାଇ ବ୍ଲକ ପରକୂଳା ଓସଡମା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ଗୁରୁବାର ସାମୂହିକ ଅଭ୍ୟାସ (ମକଡ୍ରିଲ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ବ୍ଲକ ସହକାରୀ ଯନ୍ତ୍ରୀ ମାନସ ସାହୁ, ପେଣ୍ଠ ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରମୋଦ ରାଉତରାୟ, ପିଇଓ ସରୋଜକାନ୍ତ ସାମଲ, ସମିତି ସଭ୍ୟ ସଞ୍ଜୟ ପାତ୍ର, ପ୍ରଧାନଶିକ୍ଷକ ସୁବାସ ସେଠୀ, ଏର୍‌ସିଏମ୍ ପ୍ରଭାତୀ ସ୍ୱାଇଁ, ସୁଧାଂଶୁବାଳା ରାଉତ, ସ୍ୱେଚ୍ଛାସେବୀ ସଂଗଠନ ପାର ପ୍ରତିନିଧି କାମଦେବ ମହାରାଜ, ଏମ୍‌ବିକେ ବିଜୟଲକ୍ଷ୍ମୀ ରାଉତ, ଅଙ୍ଗନବାଡ଼ି କର୍ମୀ ପ୍ରତୀମା ନାୟକ, ମେନେକା ବେହେରା ପ୍ରମୁଖ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲ୍ଲା ପରିଗଣିତ ହୋଇଆସୁଛି। ୧୯୯୯ ମହାବାତ୍ୟାରେ ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡ଼ାରେ ମହାବାତ୍ୟା ତାଣ୍ଡବ ରଚିଥିଲା। ବହୁ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିଲା। ସେହି ମହାବାତ୍ୟାର କରାଳରୂପ ଆଜି ମଧ୍ୟ ଉଜ୍ଜୀବିତ କରୁଛି। ସରକାର ମକ୍‌ଡ୍ରିଲ ଦ୍ୱାରା ପ୍ରଶିକ୍ଷଣ ଓ ସଚେତନତା ଦ୍ୱାରା କ୍ଷୟକ୍ଷତି ହ୍ରାସ, ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳ ସ୍ୱେଚ୍ଛାସେବୀ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲ କରିବାକୁ ମକ୍‌ଡ୍ରିଲ ମାଧ୍ୟମରେ ସଚେତନ କରାଯାଇଥିଲା। ସିଆରପି ବୈଜୟନ୍ତୀ ସାହୁ, ସରୋଜିନୀ ପରିଡ଼ା, ଲକ୍ଷ୍ମୀ ଦେଇ, ରେଖାଞ୍ଜଳି ନାୟକ, ସରୋଜିନୀ ପାତ୍ର, ପ୍ରଶାନ୍ତ ଦାସ, ଅଭିରାମ ବେହେରା, ପ୍ରଦୀପ ପଣ୍ଡା, ରଞ୍ଜିତ ମହାପାତ୍ର, ପ୍ରକାଶ ବେହେରା, ମନୋଜ ପରିଡ଼ା, ରମେଶ ଦାସ, ପ୍ରଭାକର ଦାସ, ସଞ୍ଜୟ ପଣ୍ଡା, ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଅସହାୟ ଜୟନ୍ତୀ



**ରାଜକନିକା, ୧୯।୬(ସମିସ):** ସ୍ୱଳ୍ପ ସମୟ ସ୍ୱାମୀ ସହ ସଂସାର କରି ସେଥିରେ ଅସଫଳ ହୋଇ ବାପଘରେ ପୁଅକୁ ଧରି ମୁଣ୍ଡ ଗୁଞ୍ଜିଥିବା ବୃଦ୍ଧା ଜୟନ୍ତୀ ପରିଡ଼ାଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇବା ବୟସ ଅତିକ୍ରମ କରିଥିଲେ ବି ସେ ଆଜି ଯାଏ ଏଥିରୁ ବଞ୍ଚିତ ଅଛନ୍ତି। ଭତ୍ତା ପାଇଁ ସେ ବହୁବାର ବ୍ଲକ, ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଥିଲେ ବି ତାଙ୍କୁ ଭତ୍ତା ମିଳିନାହିଁ। ଭିକ ମାଗି ପେଟ ପୋଷୁଛନ୍ତି। ରାଜକନିକା ବିଡିଓଙ୍କୁ ପଚାରିବାରୁ ସେ ଏହି ଅସହାୟ ବୃଦ୍ଧାଙ୍କୁ ଜାଣି ତାଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରୁଥିବା କହିଛନ୍ତି। ଉଭୟ କଥାରୁ ଜଣାପଡୁଛି ଜୟନ୍ତୀ ଯେହେତୁ ଅନଲାଇନରେ ଆବେଦନ କରି ନ ଥିଲେ, ତେଣୁ ତାଙ୍କୁ ଭତ୍ତା ଦେବା ସମ୍ଭବ ହୋଇନାହିଁ। ସେ ଏବେ ଆବେଦନ କରିଛନ୍ତି। ସବୁ ପ୍ରକ୍ରିୟା ଶେଷ ହେବା ପରେ ତାଙ୍କୁ ଭତ୍ତା ମିଳିବ ବୋଲି ବିଡିଓ କହିଛନ୍ତି। ତେବେ ଭତ୍ତା ପାଇବା ନ ପାଇବା ଦ୍ୱନ୍ଦ୍ୱରେ ଥିବା ଗଞ୍ଜା ଗ୍ରାମର ଜୟନ୍ତୀ ପରିଡ଼ା ବଞ୍ଚିବା ପାଇଁ ସହାୟତା ମାଗୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଘୋଷିତ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କିଭଳି ଆଜିଯାଏ ଏଭଳି ଅସହାୟ ବୃଦ୍ଧା ସାମିଲ ହୋଇନାହାନ୍ତି। ଏହି ଅସହାୟ ବୃଦ୍ଧାଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗୃହୀତ

**ତିର୍ତ୍ତୋଲ, ୧୯।୬ (ସମିସ):** ତିର୍ତ୍ତୋଲ ମଣି ଚରଣ ସାରଳା ଏକାଡେମୀ ପରିସରରେ ଏକାଡେମୀର ୧୯୯୪ ମାଟ୍ରିକ ବ୍ୟାଚ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଶାରଳା ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲେ। ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମା' ଶାରଳା ଫାଉଣ୍ଡେସନ ପ୍ରତିଷ୍ଠାତା ସୋନାଲି ମହାନ୍ତି, ସଦସ୍ୟ ସଞ୍ଜୟ ମହାପାତ୍ର, ବିଦ୍ୟା ପ୍ରକାଶ ମନ୍ମୟ କୁମାର, ଶୁଭସ୍ମିତା ମହାନ୍ତି, ଶ୍ରୀନିବାସ ଦାସ, ପାୟଲ ପ୍ରିୟଦର୍ଶିନୀ, ଶିଶୁ ଶଙ୍କର ମହାନ୍ତି, ଝୁନିବାଳା ଦାସ, ହୃଷିକେଶ ପରିଜା, ଜଗନ ଦାସ, ସୌମ୍ୟରଞ୍ଜନ ମହାନ୍ତି, ୧୯୯୪ ବ୍ୟାଚ୍‌ର ପାର୍ଥସାରଥୀ ମହାପାତ୍ର, ସରୋଜ ମଲ୍ଲିକ, ଝାଟୁ ଚରଣ ଦାସ, ଜୟନ୍ତ ମଲ୍ଲିକ, ସୁଧୀର ନାଥ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।



### ବେଫିକର ଟାଟା ପାୱାର

## ଗ୍ରୀଡ୍ ଲାଇନ୍ ଖରାପ କହି ପାୱାର କଟ୍

**ରାଜକନିକା, ୧୯।୬(ସମିସ):** ଓଲାଭର ନହୁଲିଆ ଗ୍ରୀଡ୍ ଲାଇନରେ ଅସୁବିଧା। ଆମେ ଲୋକ ପଠାଇ ଦେଖୁଛୁ କହି ଦୁଇଦିନ ଧରି ସନ୍ଧ୍ୟାରୁ ରାତି ଯାଏ ପାୱାର କଟ କରୁଛି ରାଜକନିକା ସେକ୍ସନ ଟାଟା ପାୱାର। ନା ଲୋକଙ୍କ ଫୋନ ଉଠାଉଛନ୍ତି, ନା ଲୋକଙ୍କୁ ସଠିକ କାରଣ କହୁଛନ୍ତି। ଆମେ କ'ଣ କରିବୁ ବିଲ ଭିତରେ ତାର ଯାଇଛି। ବର୍ଷା ହେଉଛି, ଆମେ ଚେଷ୍ଟା କରୁଛୁ ବୋଲି ଏହି ସେକ୍ସନର ଆସିଷ୍ଟାଣ୍ଟ ମ୍ୟାନେଜର ଦୀପଙ୍କର ଦେବତା ସଫେଇ ଦେଉଥିବାବେଳେ ଦୁଇ ରାତି ଧରି ସିକୋ, କୋରନ୍ଦ, ତ୍ରୈଲୋକପୁର, କୋଇଲିପୁର, କାଟଣାବଣିଆ ପଞ୍ଚାୟତରେ ବିଜୁଳି ସେବା ବନ୍ଦ। ବର୍ଷା ରାତିରେ ସରୀସୃପଙ୍କ ବିଚରଣ ସହ ଗରମରେ ସନ୍ତୁଳି ହେଉଛି ଏସବୁ ପଞ୍ଚାୟତର ଶତାଧିକ ଗ୍ରାମର ହଜାର ହଜାର ଲୋକ। ଦିନରେ କିଛି ବ୍ୟବସ୍ଥା ନ କରି ସନ୍ଧ୍ୟା ପରେ ଲାଇନ କାଟି ନିଜର ଅଫିସ ମୋବାଇଲକୁ ଅପହଞ୍ଚ କରାଇ ଦେଇ ବିନ୍ଦାସରେ ରହିଛନ୍ତି ଏହି ଅଧିକାରୀ। ବିଜୁଳି ଅଭ୍ୟସ୍ତ ଜନଜୀବନ ବିନା ଲାଇନରେ ରାତିରେ ଶୋଇବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ବନ୍ଦ ରହୁଥିବାରୁ ଏଭଳି ଅବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ନଜର ଦେବାକୁ ଦାବି ହେଉଛି।

## 'ବର୍ଣ୍ଣବିଭା' ସାହିତ୍ୟ ପତ୍ରିକା ଉନ୍ମୋଚିତ



**ପଟ୍ଟାମୁଣ୍ଡାଇ, ୧୯।୬(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟରେ ଗାଳ୍ପିକା ସରସ୍ୱତୀ ବେହେରାଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'ବର୍ଣ୍ଣବିଭା' ଉନ୍ମୋଚିତ ହୋଇଛି। କବି ପୀତାମ୍ବର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଗାନ୍ଧିବାଦୀ ଗବେଷକ ଶୈଳଜ ରବି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାପ୍ରାପ୍ତ ସାହିତ୍ୟିକ ଅସିତ ମହାନ୍ତି ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବରେଣ୍ୟ ଅତିଥି, କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ଅନୁବାଦକ ସୁଭାଷ ଶତପଥୀ ବରେଣ୍ୟ ବକ୍ତା ଓ ସମ୍ପାଦିକା ସରସ୍ୱତୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଥାକାର ପ୍ରଦୀପ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସ୍ମୃତିରଞ୍ଜନ ବେହେରା ସମ୍ପାଦକୀୟ ପାଠ କରିଥିଲେ। ପ୍ରମୋଦ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ ଓ ବାମପନ୍ଥୀ ନେତା ସ୍ୱର୍ଗତ ରବୀନ୍ଦ୍ର ବେହେରା ସ୍ମୃତିରେ ସାରସ୍ୱତ ପ୍ରତିଭା ବନମାଳୀ ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସାରଦା ବେହେରା, ଶ୍ରାବଣୀ ବାରିକ, ଜ୍ୟୋତ୍ସ୍ନା ବେହେରା, ଅବିନାଶ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ। କବି ବ୍ରଜବନ୍ଧୁ ଦାଶ ଧନ୍ୟବାଦ ଦେଇଥିଲେ। ସାହିତ୍ୟିକ ଡ. ନୀଳମଣି ଲେଙ୍କା, ଅବନ୍ତୀ ବେହେରା, କବି ଡା. ମନୋରଞ୍ଜନ ଦାଶ, ପ୍ରଫେସର କୈଳାସ ପାତ୍ର, ଶିକ୍ଷାବିତ୍ ସୁରେଶ ଜେନା, କସ୍ତୁରୀ ସ୍ୱାଇଁ, ସଚିତ୍ର ବେହୁରା, ଆଡଭୋକେଟ ରାମକୃଷ୍ଣ ଦାଶ, ଗୋପୀନାଥ ତ୍ରିପାଠୀ, କାଉନସିଲର ଗୋପୀବଲ୍ଲଭ ନାୟକ, ଇଂ ତପନ ପାତ୍ର, କବି ଶୁଭ୍ରାଂଶୁ ଦାସ, ରାଜେନ୍ଦ୍ର ଦାଶ, ଚିତ୍ରଶିଳ୍ପୀ ରମେଶ ଦେ ପ୍ରମୁଖ ଯୋଗ ଦେଇଥିଲେ।

## ଜଗତସିଂହପୁର ଟାଏକ୍ୱୋଣ୍ଡୋ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତା

**କୁଜଙ୍ଗ, ୧୯।୬(ସମିସ):** ଓଡ଼ିଶା ରାଜ୍ୟ ଟାଏକ୍ୱୋଣ୍ଡୋ ଆସୋସିଏସନର ବାର୍ଷିକ ସାଧାରଣ ବୈଠକ ଭଦ୍ରକ ଜିଲ୍ଲାର ହୋଟେଲ ଓରିୟନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମଗ୍ର ରାଜ୍ୟରୁ ଟାଏକ୍ୱୋଣ୍ଡୋ ଆସୋସିଏସନର ଜିଲ୍ଲା ପ୍ରତିନିଧି ଓ ରାଜ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ନୂତନ ଭାବେ ମନୋନୀତ ହୋଇଥିବା ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ୍‌କୁ ଅଲିମ୍ପିକ ଆସୋସିଏସନ୍ ଓ ଜାତୀୟ ଟାଏକ୍ୱୋଣ୍ଡୋ ଫେଡେରେସନ ପକ୍ଷରୁ ସ୍ୱୀକୃତି ମିଳିଥିବା ବିଷୟରେ ରାଜ୍ୟ କର୍ମକର୍ତ୍ତା ଅବଗତ କରାଇଥିଲେ। ପ୍ରତି ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତାଙ୍କୁ ଏହି କ୍ରୀଡ଼ାର ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଜଗତସିଂହପୁର ଜିଲ୍ଲା ପକ୍ଷରୁ ଏହି ବୈଠକରେ ସଭାପତି ଭାବେ କାହ୍ନୁଚରଣ ମଲ୍ଲିକ ଓ ସମ୍ପାଦକ ଭାବେ ସଂଗ୍ରାମ ସ୍ୱାଇଁ ମନୋନୀତ ହୋଇଥିଲେ। ଭବିଷ୍ୟତରେ ଜଗତସିଂହପୁର ଜିଲ୍ଲାରେ ଏହି କ୍ରୀଡ଼ାକୁ ବ୍ୟାପକ ପ୍ରସାର କରାଯାଇ କ୍ରୀଡାବିତ୍‌ଙ୍କୁ କିପରି ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଅଂଶଗ୍ରହଣ ପାଇଁ ଉପଯୁକ୍ତ ତାଲିମ୍ ଦିଆଯାଇପାରିବ ସେଥିପ୍ରତି ଜୋର ଦିଆଯାଇଥିଲା। ସମ୍ପାଦକ ସଂଗ୍ରାମ କେଶରୀଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମରେ ଓ ସେ କୁଜଙ୍ଗରେ ସୂଚନା ପ୍ରଦାନ କରିଥିଲେ।

## ବନ ବିଭାଗ ପକ୍ଷରୁ ବନୀକରଣ

**ରାଜନଗର, ୧୯।୬(ସମିସ):** ରାଜନଗର ବନଖଣ୍ଡ ଅଧୀନ ଡାଙ୍ଗମାଳ କନିକା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ରାଜେଶ୍ୱରୀନଗର ବ୍ରାହ୍ମଣୀ ନଦୀପଠାରେ ସମୂହ ବନୀକରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଏନ ଚିଲିକା ପକ୍ଷରୁ ଏନସିସି କ୍ୟାଡର ଓ ଏନସିସି ଛାତ୍ରଛାତ୍ରୀ ଯୋଗଦେଇ ଲୁଣା ଜାତୀୟ ଗଛ ରୋପଣ କରିବା ସହ ଲୁଣା ଜଙ୍ଗଲ ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କରିଥିଲେ। ସହକାରୀ ବନ ସଂରକ୍ଷକ ମାନସ ଦାସ, ଗଗନ ବିହାରୀ ମଲ୍ଲିକ, ଲକ୍ଷ୍ମୀଧର ବାରିକ, ଫରେଷ୍ଟର ନବୀନ ମଲ୍ଲିକ, ସୁନୀଲ ରାଉତରାୟ, ବବୁଲ ପରିଡ଼ା, ସନ୍ଧ୍ୟାରାଣୀ ମଲ୍ଲିକ, ସତୀଶ ଲାକ୍ରା ଓ ନିରାକାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା

## ଖାଲଖମାରେ ପରିପୂର୍ଣ୍ଣ; ପାଲଟିଛି ମରଣଯନ୍ତା

**ପଟ୍ଟାମୁଣ୍ଡାଇ, ୧୯।୬(ସମିସ)**

ରାଜନଗର ନିର୍ବାଚନମଣ୍ଡଳୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାସ୍ତା ତଥା ସ୍ଥାନୀୟ ଅଞ୍ଚଳର ଜୀବନରେଖା କୁହାଯାଉଥିବା ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ନିର୍ମାଣ ଓ ମରାମତିକୁ ନେଇ ଆରମ୍ଭରୁ ବିବାଦ ଲାଗି ରହିଛି। ରାସ୍ତା ନିର୍ମାଣ ସାରିବାର ପର ମୁହୂର୍ତ୍ତରୁ ଖାଲଖମାରେ ପରିଣତ ହୋଇ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ରାସ୍ତାର ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇଥିଲେ ହେଁ ଏହା ମଧ୍ୟରେ ମରାମତି କାମ କରାଯାଇନାହିଁ। ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ଏହି ରାସ୍ତାର ପୁନଃନିର୍ମାଣ ଓ ମରାମତି କରାଯାଇଥିଲା। ୨୦୨୧ରେ ୨୨କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ତତ୍କାଳୀନ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ନାୟକ ଓ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରୋଦ ବେହେରା ରାସ୍ତା ନିର୍ମାଣ ତଦାରଖ ଦାୟିତ୍ୱ ନେଇଥିଲେ। ତେବେ ନିର୍ମାଣ ସମୟରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହେଇଥିଲା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ଖାଲଖମାରେ ପରିଣତ ହୋଇସାରିଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଓ ପରବର୍ତ୍ତୀ ସମୟରେ ମରାମତି କାମରେ ଅନିୟମିତତା ଓ ଠକେଇ ବିରୋଧରେ ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ବାରମ୍ବାର ଆନ୍ଦୋଳନ, ଧାରଣା ଓ ଅନଶନ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଫୁଟପାଥ ନିର୍ମାଣ, ଜବରଦଖଲ ଉଚ୍ଛେଦ, ବିଦ୍ୟୁତ୍ ଖୁଣ୍ଟ ଅପସାରଣ, ରାସ୍ତା ନିର୍ମାଣ ପାଇଁ ବ୍ୟବହାର ସରଞ୍ଜାମର ମାନକୁ ନେଇ ଉତିକଣ ସଂଗ୍ରାମ ପରିଷଦ କର୍ମକର୍ତ୍ତା ଆନ୍ଦୋଳନ କରିଆସୁଥିଲେ। ତେବେ ଠିକା ସଂସ୍ଥା କୌଣସି ମତେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ଶେଷ କରିଥିଲା। ୩ ବର୍ଷ ପର୍ଯ୍ୟନ୍ତ ରାସ୍ତା ରକ୍ଷଣାବେକ୍ଷଣ ପାଇଁ ସରକାର ଠିକା ସଂସ୍ଥା ସହ ଚୁକ୍ତି କରିଥିଲେ। କିନ୍ତୁ ନିର୍ମାଣର ଏକବର୍ଷ ମଧ୍ୟରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲା। ଚୁକ୍ତି ଅନୁଯାୟୀ ନିର୍ମାଣକାରୀ ସଂସ୍ଥା ପୁନର୍ବାର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରି ଅଧାରୁ ଛାଡି ଚାଲି ଯାଇଥିଲେ। ପୂର୍ବବର୍ତ୍ତୀ ସମୟରେ ସହନିର୍ବାହୀ ଯନ୍ତ୍ରୀ ଭାବେ ରାଜଶ୍ରୀ ବେହେରା ଯୋଗ ଦେଇଥିଲେ ହେଁ ନିର୍ମାଣକାରୀ ସଂସ୍ଥା ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ନ କରିବାରୁ ପରିସ୍ଥିତି ଗୋଲମାଲିଆ ହୋଇଥିଲା। ମରାମତି ପାଇଁ ଠିକା ସଂସ୍ଥା ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ଦେଇଥିବାରୁ ଯାତାୟାତ ସମୟରେ ଦୁର୍ଘଟଣା ଘଟିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା।

**ସରିଲା ରକ୍ଷଣାବେକ୍ଷଣ ଅବଧି, ହୋଇନି ମରାମତି**

ରାସ୍ତା ମରାମତି ଦାବିରେ ଉତିକଣ ସଂଗ୍ରାମ ପରିଷଦର ଆବାହକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଆନ୍ଦୋଳନ ଚାଲିଥିବାବେଳେ ସହନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କ ବଦଳି ହୋଇଯାଇଥିଲା। ନୂତନ ଭାବେ ଯୋଗ ଦେଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ ଏକ ମାସ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୫ମାସ ଅତିକ୍ରାନ୍ତ ହୋଇସାରିଛି। ରାସ୍ତା ଅବସ୍ଥା ଯଥା ପୂର୍ବ ତଥା ପରଂ ଅବସ୍ଥାରେ ରହିଥିବାବେଳେ ୩ ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକା ସଂସ୍ଥା ଉପରେ ଥିଲେ ହେଁ ଏହାର ଅବଧି ମଧ୍ୟ ଶେଷ ହୋଇସାରିଥିବାରୁ ଠିକା ସଂସ୍ଥା ଏବେ ଦାୟିତ୍ୱ ମୁକ୍ତ ହୋଇସାରିଛନ୍ତି। ଏପରି ସ୍ଥଳେ ମରଣଯନ୍ତା ପାଲଟିଥିବା ପଟ୍ଟାମୁଣ୍ଡାଇ-ରାଜନଗର ନଦୀବନ୍ଧ ରାସ୍ତାର ପୁନଃନିର୍ମାଣ ଓ ମରାମତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି।







# ସଞ୍ଜୟ ବର୍ମା କିଏ?

## ୩୯ ଦିନରେ ୨୩୪ଥର କଲ କରିଥିଲା ସୋନମ



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀ ମାର୍ଚ୍ଚ ୧ରୁ ଏପ୍ରିଲ ୮ ମଧ୍ୟରେ ସଞ୍ଜୟ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହିତ ୨୩୪ଥର ଫୋନ୍ କଲ୍ କରି କଥା ହୋଇଛନ୍ତି । ଏହି ସଞ୍ଜୟ ବର୍ମା କିଏ, ସେ ନେଇ ଚର୍ଚ୍ଚା ହେଉଥିବା ବେଳେ ସତ କଥା ପଦାକୁ ଆସିଛି । ସଞ୍ଜୟ ଆଉ କେହି ନୁହନ୍ତି ସେ ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ ତଥା ସୋନମଙ୍କ ପ୍ରେମିକ ରାଜ କୁଶୱାହ । ଏ ନେଇ ମେଘାଳୟ ପୁଲିସ୍ ସୂଚନା ଦେଇଛି । ସୋନମ ରାଜର ନମ୍ବରକୁ ସଞ୍ଜୟ ବର୍ମା ନାମରେ ସେଭ କରିଥିଲା । ସନ୍ଦେହକୁ ଏଡାଇବା ପାଇଁ ସୋନମ ଏହି ନାଟକ କରିଥିଲା । ପ୍ରତ୍ୟେକ ଥର ସୋନମ ଓ ରାଜ ଦୁହେଁ ୩୦ରୁ ୬୦ ମିନିଟ୍ କଥା ହୋଇଛନ୍ତି । ଜୁନ୍ ୮ରେ ସଞ୍ଜୟର ହ୍ୱାଟ୍ସଅପ୍ ନଂ ଶେଷଥର ପାଇଁ ଆକ୍ଟିଭ ହୋଇଥିଲା । ଏହି ଦିନ ସବୁ ଅଭିଯୁକ୍ତ ଗିରଫ୍ ହୋଇଥିଲେ ଓ ସୋନମ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା । ପୂର୍ବରୁ ସଞ୍ଜୟ କିଏ ସେ ନେଇ ଆମେ କିଛି ଜାଣିନାହୁଁ ବୋଲି ସୋନମର ଭାଇ ଗୋବିନ୍ଦ କହିଥିଲା । ଇନ୍ଦୋରରେ ରହୁଥିବା ସୋନମ ଓ ରାଜା ମେ ୧୧ରେ ବିବାହ କରିବା ପରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ । କିନ୍ତୁ ମେ ୨୩ରେ ରାଜା ନିଖୋଜ ହୋଇଥିଲେ । ଜୁନ୍ ୨ରେ ରାଜାଙ୍କ ମୃତଦେହ ମିଳିଥିଲା । ଜୁନ୍ ୧୧ରେ ରାଜାଙ୍କୁ ମାରିଥିବା କଥା ସୋନମ ପୁଲିସ୍ ଆଗରେ ସ୍ୱିକାର କରିଥିଲା । ସୋନମ ରାଜ ସହ ମିଶି ସ୍ୱାମୀ ରାଜା ରଘୁବଂଶୀଙ୍କୁ ମାରିବା ପାଇଁ ୩ ଜଣ ସୁପାରି କିଲରଙ୍କୁ ନିୟୋଜିତ କରିଥିଲା ।

# କମଲ ହାସନଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ' କର୍ଣ୍ଣାଟକ୍‌ରେ ମୁକ୍ତିଲାଭ କରିବା ନେଇ ପଥ ପରିଷ୍କାର ହୋଇଛି । ଏ ନେଇ ଦାଏର କରାଯାଇଥିବା ପିଟିସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ସିନେମା କିପରି ଭଲରେ ମୁକ୍ତିଲାଭ କରିବ ସେ ନେଇ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ କୌଣସି ବିଭ୍ରାଟ ତଥା ବାଧା ସୃଷ୍ଟି ନ ହେବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରିବାକୁ କର୍ଣ୍ଣାଟକ ସରକାରକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କର୍ଣ୍ଣାଟକ ସରକାର ମଧ୍ୟ ସିନେମାକୁ ମୁକ୍ତିଲାଭ କରିବା ନେଇ କୌଣସି ରୋକ ଲଗାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ସିନେମା ରିଲିଜ ହେବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କଥା ଦେଇଛନ୍ତି । ଏ ନେଇ ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଭାଷା ମାମଲାରେ ମଧ୍ୟ ସୁପ୍ରିମକୋର୍ଟ କମଲ ହାସନଙ୍କ ସପକ୍ଷରେ ମତ ଦେଇଛନ୍ତି । କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ । ଏଥିପାଇଁ କମଲ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଥିଲା । କିନ୍ତୁ ଏଥିପାଇଁ କମଲ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । କ୍ଷମା ମାଗିବାକୁ କମଲଙ୍କୁ ବାଧ କରାଯାଇପାରିବ ନାହିଁ । ଏହା ତାଙ୍କର ମତ ମାତ୍ର । ଜଣକର ମତ ପାଇଁ ଆମେ କୌଣସି ସିନେମାର ରିଲିଜ୍‌କୁ ରୋକି ପାରିବା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

# ଆମେରିକା ପଠାଯିବ ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ବ୍ଲାକ ବକ୍ସ

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଜୁନ୍ ୧୨ରେ ଅହମଦାବାଦ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନର ବ୍ଲାକବକ୍ସକୁ ଆମେରିକା ପଠାଯିବ । ଦୁର୍ଘଟଣାର ଗୋଟିଏ ଦିନ ପରେ ହିଁ ଏହି ବ୍ଲାକ ବକ୍ସ ମିଳିଥିଲା । ବିମାନରେ ନିଆଁ ଲାଗିବା ପରେ ବ୍ଲାକ ବକ୍ସ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଏଥିରୁ ଡାଟା ତଥା ତଥ୍ୟ ମିଳିବା କଷ୍ଟକର ହୋଇଛି । ତେଣୁ ଯାଞ୍ଚ ପାଇଁ ବ୍ଲାକ ବକ୍ସକୁ ଏବେ ଆମେରିକା ପଠାଯିବ ବୋଲି କୁହାଯାଇଛି । ଭାରତରେ ଥିବା କୌଣସି ଲାବରୁ ବ୍ଲାକ ବକ୍ସର ଡାଟା ମିଳିବ ନାହିଁ । ଏବେ ଏହାକୁ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟ ସେଫ୍‌ଟି ଲାବ (ଏନ୍‌ଟିଏସ୍‌ବି)କୁ ପଠାଯିବ । ସୁରକ୍ଷା ଓ ଗୋପନୀୟତା ବଜାୟ ରଖିବା ପାଇଁ ଏହା ସହିତ ସରକାରୀ ଅଧିକାରୀ ମଧ୍ୟ ଆମେରିକା ଗସ୍ତ କରିବେ । ଏହି ବିମାନ ଦୁର୍ଘଟଣାରେ ୨୭୦ ଜଣ ଲୋକ ମୃତ୍ୟୁ ବରଣ କରିଥିଲେ । ଏଆଇ-୨୭୧ ବିମାନ ଟେକ୍‌ଅଫ୍ କରିବା ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ।



# ଯୁଦ୍ଧରୁ ଆମେରିକା ଦୂରେଇ ରହୁ: ରୁଷ

## ଇରାନ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ

ତେହରାନ/ତେଲ ଆଭିଭ, ୧୯।୬ (ଏଜେନ୍ସି): ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛି ରୁଷିଆ । ଏହି ଯୁଦ୍ଧ ଧ୍ୱଂସ ଆଡ଼କୁ ମୁହାଁଉଥିବାରୁ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରୁ ବୋଲି ରୁଷିଆ କହିଛି । ଗତ ସାତ ଦିନ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ଏଥିରେ ଆମେରିକା ସାମିଲ ହୋଇପାରେ ବୋଲି ସଙ୍କେତ ମିଳିବା ପରେ ରୁଷିଆ ପ୍ରଥମ ଥର ଲାଗି ମୁହଁ ଖୋଲିଛି । ରୁଷ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେ ଆମେରିକାକୁ ସତର୍କ କରାଇ ଦେଉଛୁ । ଏହା ଏକ ବିପଜ୍ଜନକ ପଦକ୍ଷେପ ହେବ ଏବଂ ଏହାର ପରିଣାମ ଭୟଙ୍କର ହୋଇପାରେ ।



ଏହାପୂର୍ବରୁ ରୁଷ ଉପବୈଦେଶିକ ମନ୍ତ୍ରୀ ସାର୍ଗେଇ ରିୟାବକୋଭ ମଧ୍ୟ ସମାନ ଧରଣର ଚିନ୍ତା ପ୍ରକଟ କରି କହିଥିଲେ ଯେ ଯୁଦ୍ଧରେ ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଦେବା ବନ୍ଦ କରୁ । ଯୁଦ୍ଧରେ ଆମେରିକା ସାମିଲ ହେଲେ ସଂପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ହେବା ସହିତ ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ । ତେଣୁ ଆକ୍ରମଣ ସଂପର୍କରେ ଆମେରିକା ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ ।

ଇରାନର ପରମାଣୁ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ ଚଳାଇଛି ସେଥିରେ ଉଦବେଗ ପ୍ରକାଶ କରି ବୈଦେଶିକ ବିଭାଗ ମୁଖପାତ୍ର ମାରିଆ କହିଲେ ଯେ ଏଭଳି ଆକ୍ରମଣ ଜାରି ରହିଲେ ବିଶ୍ୱକୁ ଧ୍ୱଂସ ହେବାକୁ ବେଶି ସମୟ ଲାଗିବ ନାହିଁ । ଏହାକୁ ନେଇ ଜାତିସଂଘ ପରମାଣୁ ନିରାପତ୍ତା ସଂସ୍ଥା ମଧ୍ୟ ଉଦବେଗ ପ୍ରକାଶ କରିସାରିଛି । ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିକରଣ ବିପଦ ବଢୁଛି । ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ସ୍ୱର ଉତ୍ତୋଳନ କରୁନାହିଁ କାହିଁକି? ପରିବେଶବିତମାନେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ଇରାନର ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ବୋଲି ସେ ପରାମର୍ଶ ଦେଇ କହିଛନ୍ତି ଯେ ସେଠାରେ ରୁଷ ପରମାଣୁ ବିଶେଷଜ୍ଞ କାର୍ଯ୍ୟରତ ଅଛନ୍ତି । ଏହା ହେଉଛି ଇରାନର ଏକମାତ୍ର ପରମାଣୁ ଶକ୍ତି କେନ୍ଦ୍ର ଯେଉଁଠାରେ କି ରୁଷ ଇନ୍ଧନ ବ୍ୟବହୃତ ହେଉଛି ।

ସୂଚନାଯୋଗ୍ୟ ଯେ ଗତକାଲି ରୁଷିଆ ଏବଂ ୟୁଏଇ ଇରାନ-ଇସ୍ରାଏଲ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେବା ସହିତ କହିଥିଲେ ଯେ ଏହାର ରାଜନୈତିକ ଓ କୂଟନୈତିକ ସାମଧାନ ରାସ୍ତା ବାହାର କରାଯାଉ ।

ଯୁଦ୍ଧରେ ସାମିଲ ନହେବା ଲାଗି ଚୀନ ମଧ୍ୟ ଆମେରିକାକୁ ସତର୍କ କରାଇ ଦେଇଛି । ପ୍ରଥମ ଥର ଲାଗି ତାଙ୍କ ପ୍ରତିକ୍ରିୟାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଛନ୍ତି ଯେ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରାଯିବା ଠିକ୍ ନୁହେଁ । ଏହା ମଧ୍ୟପ୍ରାଚ୍ୟରେ ବିପଜ୍ଜନକ ସ୍ଥିତି ସୃଷ୍ଟିବ । ଏଥିରୁ ବିରତ ରହିବା ଲାଗି ସେ ଆମେରିକାକୁ ପରାମର୍ଶ ଦେଇଛନ୍ତି । ମାମଲାର ଆପୋଷ ସମାଧାନରେ ଚୀନ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

### ଖାମନେଇଙ୍କୁ ହତ୍ୟା ଧମକ ଦେଲା ଇସ୍ରାଏଲ

ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କୁ ହତ୍ୟା କରିବାକୁ ପଡ଼ିବ । ତାଙ୍କୁ ବଞ୍ଚିବାକୁ ଦିଆଯିବା ଉଚିତ ନୁହେଁ । ଏଭଳି ଧମକ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ । ଇସ୍ରାଏଲ ଉପରେ ଇରାନର ଭୀଷଣ କ୍ଷେପଣାସ୍ତ୍ର ଆକ୍ରମଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଇସ୍ରାଏଲକୁ ଧ୍ୱଂସ କରିବା ହେଉଛି ଖାମନେଇଙ୍କ ମୂଳ ଲକ୍ଷ୍ୟ । ତାଙ୍କ ନିର୍ଦ୍ଦେଶରେ ଇସ୍ରାଏଲର ମେଡିକାଲ ଉପରେ ଇରାନୀ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି । ଏଥିରେ କ୍ଷତି ହୋଇଥିବା ସ୍ୱୀକାର କରି ସେ କହିଛନ୍ତି ଯେ ଖାମନେଇ ଯେଉଁଠି ଲୁଚିଥିଲେ ମଧ୍ୟ ତାଙ୍କୁ ଠାବ କରି ଇସ୍ରାଏଲୀ ସେନା ହତ୍ୟା କରିପାରିବେ । ଯୁଦ୍ଧ ଆରମ୍ଭରୁ ଇସ୍ରାଏଲର ଏଭଳି ଯୋଜନା ଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରଣ କରିବାରୁ ଇସ୍ରାଏଲ ତାର ଏହି ଯୋଜନାରେ ଆଗେଇ ପାରିନାହିଁ ।

# ୯ଟି ଦେଶ ପାଖରେ ୯ ୯୦୦ ପରମାଣୁ ଅସ୍ତ୍ର, ରୁଷିଆରେ ସର୍ବାଧିକ

ଷ୍ଟକହାମ୍, ୧୯ ।୬(ଏଜେନ୍ସି): ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧର ମୂଳ କାରଣ ହେଉଛି ପରମାଣୁ ଅସ୍ତ୍ର । ଇରାନ ପରମାଣୁ ଅସ୍ତ୍ର ତିଆରି କରୁଛି ଏବଂ ଏହା ଇସ୍ରାଏଲ ପ୍ରତି ବିପଦ ବୋଲି କହୁଛି ଇସ୍ରାଏଲ । ଏହି କାରଣରୁ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଁ ଲାଗି ପଡ଼ିଛନ୍ତି ଉଭୟ ଇସ୍ରାଏଲ ଏବଂ ଆମେରିକା । ଇରାନ ଏହା ପାଖରେ କୌଣସି ପରମାଣୁ ଅସ୍ତ୍ର ନାହିଁ କି ଏହାର ଏଭଳି କୌଣସି ଯୋଜନା ନାହିଁ ବୋଲି କହୁଛି । କିନ୍ତୁ ଆମେରିକା ଓ ଇସ୍ରାଏଲ ଏହା ମାନିବାକୁ ନାରାଜ । ଏଭଳି ସ୍ଥିତିରେ କେଉଁ ଦେଶ ପାଖରେ କେତେ ପରମାଣୁ ଅସ୍ତ୍ର ରହିଛି, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସ୍ୱାଭାବିକ । ଏପର୍ଯ୍ୟନ୍ତ ନିଜ ପାଖରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ବୋଲି ୯ଟି ଦେଶ ଦାବି କରିଛନ୍ତି । ଏବେ ୯ଟି ଦେଶ ପାଖରେ ୯ ହଜାର ୯୦୦ରୁ ଅଧିକ ପରମାଣୁ ଅସ୍ତ୍ର ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି । ପ୍ରଥମେ ୫ଟି ଦେଶ ଯଥା ଆମେରିକା, ରୁଷିଆ, ଫ୍ରାନ୍ସ, ଚୀନ୍ ଓ ବ୍ରିଟେନ ପାଖରେ ପରମାଣୁ ଅସ୍ତ୍ର ରହିଥିଲା । ଏହି ୫ଟି ଦେଶ ପରମାଣୁ ଅପ୍ରସାର ସନ୍ଧି(ଏନ୍‌ପିଟି)ରେ ସ୍ୱାକ୍ଷର କରିଛନ୍ତି । ଏହା ଅନୁସାରେ ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ପରମାଣୁ ଅସ୍ତ୍ର ତିଆରି କରିବେ ନାହିଁ ଓ ଏହାକୁ ହାସଲ କରିବେ ନାହିଁ । ପୁଣି ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ରହିଛି, ସେହି ଦେଶଗୁଡିକ ପରମାଣୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସଦ୍‌ଭାବନାପୂର୍ବକ ଆଲୋଚନା ଜାରି ରଖିବେ । ଏହି ୫ଟି ଦେଶକୁ ବାଦ୍ ଦେଲେ ଦକ୍ଷିଣ ଏସିଆର ଦୁଇ ପାରମ୍ପରିକ ପ୍ରତଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମେତ ଇସ୍ରାଏଲ ଏବଂ ଉତ୍ତରକୋରିଆ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ପାଖରେ ସର୍ବାଧିକ ୪, ୩୦୯ ଏବଂ ଉତ୍ତରକୋରିଆ ପାଖରେ ସର୍ବନିମ୍ନ ୫୦ଟି ପରମାଣୁ ଅସ୍ତ୍ର ରହିଛି । ଭାରତ ଓ ପାକିସ୍ତାନ ପାଖରେ ଯଥାକ୍ରମେ ୧୮୦ ଓ ୧୭୦ଟି ପରମାଣୁ ଅସ୍ତ୍ର ରହିଛି ।

ଭାରତ ପ୍ରଥମଥର ପାଇଁ ୧୯୭୪ରେ ପୋଖରାନ୍‌ରେ ପରମାଣୁ ପରୀକ୍ଷଣ କରିଥିଲା । ଏହାପରେ ଭାରତ ୧୯୯୮ରେ ମଧ୍ୟ ଏହାକୁ ଦୋହରାଇଥିଲା । ଏହାର କିଛି ସପ୍ତାହ ପରେ ପାକିସ୍ତାନ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲେ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହାନ୍ତି । ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ରଖିଛି ବୋଲି କେବେ ଦାବି କରିନାହିଁ । କିନ୍ତୁ ଇସ୍ରାଏଲ ଏହି ବିଧ୍ୱଂସକାରୀ ଅସ୍ତ୍ର ରଖିଛି ବୋଲି ବିଶ୍ୱାସ କରାଯାଉଛି । ଇସ୍ରାଏଲ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହିଁ । ୧୯୮୫ରେ ଉତ୍ତର କୋରିଆ ଏନ୍‌ପିଟିରେ ସ୍ୱାକ୍ଷର କରିଥିଲେ ମଧ୍ୟ ୨୦୦୩ରେ ସେଥିରୁ ଓହରିଯାଇଥିଲା । ଆମେରିକାର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବାହାନା କରି ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥିଲା । ଏହାପରେ ୨୦୦୬ଠାରୁ ଉତ୍ତର କୋରିଆ ଏକାଧିକବାର ପରମାଣୁ ପରିକ୍ଷା କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି ।

| କାହା ପାଖରେ କେତେ | |
|---|---|
| ରୁଷିଆ | ୪, ୩୦୯ |
| ଆମେରିକା | ୩, ୭୦୦ |
| ଚୀନ୍ | ୬୦୦ |
| ଫ୍ରାନ୍ସ | ୨୯୦ |
| ୟୁକେ | ୨୨୫ |
| ଭାରତ | ୧୮୦ |
| ପାକିସ୍ତାନ | ୧୭୦ |
| ଇସ୍ରାଏଲ | ୯୦ |
| ଉତ୍ତର କୋରିଆ | ୫୦ |

# ଦୁଇଟି ବିମାନର ଜରୁରୀ ଅବତରଣ



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଗୁରୁବାର ଦୁଇଟି ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ ହୋଇଛି । ଦିଲ୍ଲୀରୁ ଲେହ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୦୦୬ ବୈଷୟିକ ତ୍ରୁଟି କାରଣରୁ ଗୁରୁବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲା । ଏଥିରେ କ୍ରୁ ମେମ୍ବରଙ୍କ ସମେତ ୧୮୦ ଜଣ ଲୋକ ରହିଥିଲେ । ଏହାକୁ ବାଦ୍ ଦେଲେ ସ୍ପାଇସ୍ ଜେଟ୍ ବିମାନ ଏସ୍‌ଜି ୨୬୯୬ ଉଡାଣ ଆରମ୍ଭ କରିବାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ବିମାନ ହାଇଦରାବାଦ୍‌ରୁ ତିରୁପତି ଯାଉଥିଲା ଓ ଏଥିରେ ୮୦ ଯାତ୍ରୀ ଥିଲେ । ଟେକ୍‌ଅଫ୍ ପରେ ବିମାନର ପଛ ଗେଟ୍‌ରେ କିଛି ସମସ୍ୟା ଥିଲା ବୋଲି ପାଇଲଟ୍ ସଙ୍କେତ ଦେଇଥିଲେ । ଫଳରେ ବିମାନକୁ ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା । ଏହାପୂର୍ବରୁ ବୁଧବାର ଏୟାର ଇଣ୍ଡିଆର ୩ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଏଗୁଡିକ ହେଲ ଦିଲ୍ଲୀ-ବାଲି, ଟରଣ୍ଟୋ- ଦିଲ୍ଲୀ ଓ ଦୁବାଇ- ଦିଲ୍ଲୀକୁ ଯାଉଥିବା ବିମାନ । ପୂର୍ବରୁ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ସେହିପରି ଗତ ୧୨ରୁ ୧୭ଚ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର ମୋଟ୍ ୬୬ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଗତ ୧୨ ତାରିଖରେ ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ବିଭିନ୍ନ କାରଣରୁ ଏହି ସବୁ ଫ୍ଲାଇଟ୍‌କୁ ବାତିଲ କରାଯାଇଛି ।

## ୨୧୧ ମୃତକଙ୍କ ଡିଏନ୍‌ଏ ମ୍ୟାଚ୍; ୧୮୯ ମୃତଦେହ ହସ୍ତାନ୍ତର

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୧୧ ଜଣ ମୃତକଙ୍କ ଡିଏନ୍‌ଏ ଟେଷ୍ଟ ଦ୍ୱାରା ପରିଚୟ ମିଳିସାରିଛି । ସେହିପରି ୧୮୯ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ସୂଚନା ଦେଇଛନ୍ତି । ହସ୍ତାନ୍ତର ହୋଇଥିବ ମୃତଦେହଗୁଡିକ ମଧ୍ୟରୁ ୧୩୧ ଜଣ ଭାରତୀୟ, ୪ ଜଣ ପର୍ତ୍ତୁଗାଲ, ୩୦ ଜଣ ବ୍ରିଟିଶ ଓ ଜଣେ କାନାଡା ନାଗରିକ ସାମିଲ ରହିଛନ୍ତି । ଏଗୁଡିକ ମଧ୍ୟରୁ ୬ଜଣ ଅଣଯାତ୍ରୀ ଥିଲେ । ଦୁର୍ଘଟଣା ପରେ ୭୧ ଜଣଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ଚିକିତ୍ସା ଏବେ ଚାଲୁଛି ଓ ବାକି ସବୁ ଘରକୁ ଫେରିସାରିଛନ୍ତି । ଉଲ୍ଲେଖଥାଉ କି, ଜୁନ୍ ୧୨ ତାରିଖରେ ବିମାନ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୨୪୧ଜଣ ମୃତ୍ୟୁବରଣ କରିଥିଲେ । ଏମାନଙ୍କ ମଧ୍ୟ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ସାମିଲ ଥିଲେ । ସମ୍ପୂର୍ଣ୍ଣ ରାଜକୀୟ ସମ୍ମାନ ସହ ତାଙ୍କୁ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଛି ।

# ଏଲନ୍ ମସ୍କଙ୍କ ରକେଟ ପରୀକ୍ଷା ବେଳେ ବିସ୍ଫୋରଣ



ଟେକ୍ସାସ, ୧୯ ।୬(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ ବ୍ୟବସାୟୀ ଏଲନ ମସ୍କଙ୍କ ସ୍ପେଶ୍ ଏକ୍ସ ଷ୍ଟାରସିପ୍-୩୬ ରକେଟ୍ ଟେଷ୍ଟ ଅବସରରେ ହଠାତ ବିସ୍ଫୋରଣ ଶିକାର ହେବା ସହ ଜଳିଯାଇଛି । ବୁଧବାର ଆମେରିକାର ଟେକ୍ସାସ୍‌ର ଷ୍ଟାରବେସ୍ ଟେଷ୍ଟିଂ ସାଇଟ୍‌ରେ ଘଟିଥିବା ଏହି ଘଟଣା ମଙ୍ଗଳ ଗ୍ରହ ଅଭିଯାନକୁ ଶକ୍ତ ଝଟ୍‌କା ଦେଇଛି । ବିସ୍ଫୋରଣ ପରେ ବହୁ ଦୂରକୁ ନିଆଁ ଓ ଧୂଆଁ ଦେଖିବାକୁ ମିଳିଥିଲା । ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୯.୩୦ରେ ଏହି ବିସ୍ଫୋରଣ ହୋଇଥିଲା । ଟେଷ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁଠାରେ ଇନ୍ଧନ ନିଆଯାଇଥାଏ ଅର୍ଥାତ ରକେଟ୍ ଉପରେ ଭାଗରେ ହିଁ ଅଚାନକ ବିସ୍ଫୋରଣ ହୋଇଥିଲା । ଦେଖୁ ଦେଖୁ ସମ୍ପୂର୍ଣ୍ଣ ରକେଟ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖରେ ଥିବା ଘରଗୁଡିକର କବାଟ ଓ ଝରକା ମଧ୍ୟ ହଲି ଯାଇଥିଲା । ଟେଷ୍ଟିଂ ପୂର୍ବରୁ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା । ଫଳରେ କୌଣସି ଲୋକ ମୃତାହତ ହୋଇ ନାହାନ୍ତି । କିନ୍ତୁ ଏହି ଘଟଣାରେ ପ୍ରଭୁତ ଆର୍ଥିକ କ୍ଷତି ଘଟିଛି । ରକେଟରେ ଇନ୍ଧନ ଭରିବାର ପ୍ରକ୍ରିୟା ଆରମ୍ଭ ହେବା ପରେ ହିଁ ବିସ୍ଫୋରଣ ଘଟିଥିଲା । ଏଥିସହ ଚଳିତବର୍ଷ ଷ୍ଟାରଶିପ୍‌ର କ୍ରମାଗତ ୩ଟି ପରୀକ୍ଷଣ ବିଫଳ ହୋଇଛି । ଏହି ଷ୍ଟାରଶିପ୍ ଜରିଆରେ ମଣିଷ ଦିନେ ମଙ୍ଗଳଗ୍ରହ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିବ ବୋଲି ଏଲନ ମସ୍କଙ୍କ ଏକ ବଡ଼ ମହତ୍ତ୍ୱାକାଂକ୍ଷୀ ସ୍ୱପ୍ନ ରହିଛି । କିନ୍ତୁ ନିକଟରେ ମସ୍କଙ୍କ ଏହି ସ୍ୱପ୍ନ ସାକାର ହେବା ଭଳି ମନେ ହେଉନାହିଁ ।



# ଇରାନରୁ ଫେରିଲେ ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନରେ ଅଧ୍ୟୟନରତ ୧୧୦ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏମାନେ ଇରାନର ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢୁଛନ୍ତି । ଏମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ର କେବଳ କଶ୍ମୀରର । ଯୁଦ୍ଧ କାରଣରୁ ଇରାନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି । ଯୁଦ୍ଧ ପାଇଁ ଇରାନ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି । ଖାସ୍ କରି ରାଜଧାନୀ ତେହରାନରେ ସ୍ଥିତି ସବୁଠାରୁ ଖରାପ୍ ହୋଇଛି ବୋଲି ଦିଲ୍ଲୀରେ ପହଞ୍ଚିବା ପରେ ଜଣେ ଛାତ୍ର କହିଛନ୍ତି । ମଙ୍ଗଳବାର ଏହି ଛାତ୍ରଛାତ୍ରୀମାନଙ୍କୁ ଆର୍ମେନିଆ ଆଣାଯାଇଥିଲା । ଏମାନଙ୍କୁ ରାଜଧାନୀ ୟେରେଭେନ୍‌ର ଏକ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ଏମାନଙ୍କୁ କତାର ରାଜଧାନୀ ଦୋହା ଦେଇ ଭାରତ ଅଣାଯାଇଥିଲା । ଇଣ୍ଡିଗୋର ଏକ ବିମାନ ୟେରେଭେନ ବିମାନ ବନ୍ଦରରୁ ଛାତ୍ରଙ୍କୁ ନେଇ ଦୋହା ଯାଇଥିଲା । ଦୋହାରୁ ଏହି ଫ୍ଲାଇଟ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ଅଣାଯାଇଥିଲା । ଏବେ ମଧ୍ୟ ଇରାନ୍‌ରେ ୧,୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସି ରହିଛନ୍ତି । ବିମାନ ବନ୍ଦର ବନ୍ଦ ରହିଥିଲେ ମଧ୍ୟ ଦେଶର ସୀମା ଖୋଲା ରହିଛି ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ତେଣୁ ଫସି ରହିଥିବା ବିଦେଶୀ ନାଗରିକ ସେମାନଙ୍କୁ ଦେଶକୁ ଫେରିବାର କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

# ପାକିସ୍ତାନ-ଲାଡେନ ଇତିହାସକୁ ଭୁଲିଯାଉଛି ଆମେରିକା

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କ ସାକ୍ଷାତ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯେଉଁ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରୁଛି, ତାକୁ ସମର୍ଥନ କରି ଟ୍ରମ୍ପ ଭୁଲ କରୁଛନ୍ତି । ଭୟଙ୍କର ଧାର୍ମିକ ଓ ଆତଙ୍କବାଦ ଚିନ୍ତାଧାରା ରଖିଥିବା ଜେନେରାଲ ମୁନିରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଡାକି ଟ୍ରମ୍ପ ଦୋମୁହାଁ ନୀତି ଧରିଛନ୍ତି । ଆମେରିକା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ଏବଂ ତାକୁ ପ୍ରଶ୍ରୟ ଦେଇଥିବା ପାକିସ୍ତାନର ଇତିହାସକୁ ଭୁଲିଯିବା ଉଚିତ ନୁ ।ହେଁ । ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲାଡେନ ପାକିସ୍ତାନର ଆବୋଟ୍ଟାବାଦରେ ହିଁ ରହିଥିଲା ଓ ଆମେରିକା ତାକୁ ୨୦୧୧ରେ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା । ଏଭଳି ଦେଶକୁ ଟ୍ରମ୍ପ କିପରି ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ଶଶୀ ଥରୁର । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଦେଶରୁ ଫେରିଥିବା ଥରୁର କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ନ କରିବାକୁ ଏବଂ ଆତଙ୍କବାଦୀଙ୍କୁ ତାଲିମ ନଦେବାକୁ ଆମେରିକା ଚେତାବନୀ ଦେବ ବୋଲି ଆମେ ଆଶା କରୁଛୁ । ପାକିସ୍ତାନ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଥିବା ବେଳେ ଟ୍ରମ୍ପଙ୍କ ଏଭଳି ଆଚରଣ ଆମକୁ ବିଚଳିତ କରୁଛି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଗତକାଲି ପାକିସ୍ତାନ ସେନାଧକ୍ଷ ଜେନେରାଲ ଅସିମ ମୁନିରଙ୍କ ସହ ଆଲୋଚନା କରିଥିଲେ । ହ୍ୱାଇଟ୍ ହାଉସ୍‌ର କ୍ୟାବିନେଟ୍ ରୁମ୍‌ରେ ଦୁହେଁ ମଧ୍ୟାହ୍ନ ଭୋଜନ କରିଥିଲେ । ପ୍ରଥମଥର ପାଇଁ ଆମେରିକାର କୌଣସି ରାଷ୍ଟ୍ରପତି ପାକିସ୍ତାନ ସେନାଧକ୍ଷଙ୍କ ସହ ଆଲୋଚାନ କରିଛନ୍ତି । ଟ୍ରମ୍ପଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି ମୁନିର ମନ୍ତବ୍ୟ ଦେବା ପରେ ଏଥିରେ ଖୁସି ହୋଇ ଟ୍ରମ୍ପ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ହ୍ୱାଇଟ୍ ହାଉସ୍ ଡାକିଥିଲେ । ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ନେଇ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲେ ମୁନିର । ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ପାଇଁ ତାଙ୍କ ପରାମର୍ଶକୁ ମୁନିର ଗ୍ରହଣ କରିଥିଲେ । ନହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଯାଇଥାଆନ୍ତା ।

## ପ୍ରଥମଥର ନେତୃତ୍ୱ ନେବେ ଗିଲ୍

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

ଲିଡ୍ସ,୧୯।୬ (ଏଜେନ୍ସି):

ନୂଆ ଟିମ୍, ନୂଆ ଅଧିନାୟକ, ନୂଆ ଖେଳାଳିଙ୍କୁ ନେଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଟ୍ରଫି (ତେନ୍ଦୁଲକର-ଆଣ୍ଡରସନ) ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ସିରିଜ୍ ଉଭୟ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ସଫଳତାର ଖୋରାକ ଯୋଗାଇବ। ଭାରତୀୟ ଦଳର ନେତୃତ୍ୱରେ ନେବେ ଜଣେ ନୂଆ ଖେଳାଳି ଶୁବମନ ଗିଲ୍। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତାଙ୍କୁ ପରାମର୍ଶ ଦେବାକୁ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳି ନାହାନ୍ତି। ୭ ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁନ ନାୟାର ଇଂଲଣ୍ଡ ଲାୟନ୍ସର ଦୁର୍ବଳ ବୋଲିଂ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି। ଏହା ତାଙ୍କୁ ଇଂଲଣ୍ଡ ପରିବେଶ ଓ ଟପ୍ କ୍ଲାସ୍ ବୋଲିଂ ବିପକ୍ଷରେ କେତେ ସହାୟତା କରିବ ତାହା ଖେଳ ଆରମ୍ଭ ପରେ ଜଣାପଡ଼ିବ। ଏଭଳି ସମୟରେ ନୂଆ ଖେଳାଳିମାନେ ଆଗକୁ ଆସିବେ। ଇଂଲଣ୍ଡର ପିଚ୍ ଓ ପରିବେଶରେ ଖାପ୍ ଖୁଆଇବା ଭାରତୀୟଙ୍କ ଲାଗି କଷ୍ଟକର ହେବ। ଦଳ ମଧ୍ୟ ଏହି ପରିବେଶ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିଏ ଫର୍ମରେ ଅଛି ବା ନାହିଁ ତାହା ବଡ଼ କଥା ନୁହେଁ, ଏଭଳି ପରିବେଶରେ କିଏ ଖାପ୍ ଖୁଆଇ ଖେଳିବ ତାହା ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡରେ ଗିଲ୍ ମାତ୍ର ୩ଟି ଟେଷ୍ଟ ଖେଳି ୮୮ ରନ୍ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରିବ। ଏମାନେ କିଛି ନ କିଛି ଟେଷ୍ଟରେ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ଭାରତର ପେସ୍ ବାହିନୀ ପ୍ରତିପକ୍ଷ ଇଂଲଣ୍ଡକୁ ଟକ୍କର ଦେବା ସ୍ଥିତିରେ ରହିଛି। ଇଂଲିଶ ବୋଲରଙ୍କ ଅପେକ୍ଷା ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପେସ୍ ବାହିନୀ ନିକଟରେ ଦକ୍ଷତା ରହିଛି। କିନ୍ତୁ ଇଂଲଣ୍ଡ ବ୍ୟାଟରଙ୍କ ତୁଳନାରେ ଭାରତୀୟ ବ୍ୟାଟରଙ୍କ ଅଭିଜ୍ଞତାର ଅଭାବ ରହିଛି। ଇଂଲଣ୍ଡ ପରିବେଶ କିପରି ଭାରତକୁ ସୁହାଇବ ତାହା ଉପରେ କେବଳ ଏହି ମ୍ୟାଚ୍ ନୁହେଁ ବରଂ ସିରିଜ୍ ନିର୍ଭର କରିବ।

ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳରେ ରହିଛନ୍ତି ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ। ଏମାନେ ଏକା ଏକା ଟେଷ୍ଟର ମୋଡ ବଦଳାଇପାରିବାର ଦକ୍ଷତା ରଖିଛନ୍ତି। ଓପନର ଜ୍ୟାକ୍ କ୍ରଲୀ, ବେନ୍ ଡକେଟ ଓ ହ୍ୟାରୀ ବ୍ରୁକ୍ ମଧ୍ୟ ବେଶ ଦକ୍ଷ। ଏମାନେ ଭାରତୀୟ ବୋଲରଙ୍କ ଲାଗି ସମସ୍ୟା ସୃଷ୍ଟି କରିବେ। ସେ ଯାହା ହେଉ ଅଭିଜ୍ଞତା ଓ ପରିବେଶରେ ଇଂଲଣ୍ଡ ଭ୍ରମଣକାରୀ ଭାରତଠାରୁ ସାମାନ୍ୟ ଆଗୁଆ ରହିଛି।

ଦୁଇ ଦେଶ ମଧ୍ୟରେ ଟେଷ୍ଟ ରେକର୍ଡ ଯାହା ହେଉନା କାହିଁକି ଗତଥର ଏଠାରେ ଆୟୋଜିତ ଟେଷ୍ଟ ସିରିଜ୍ ବେଶ ରୋମାଞ୍ଚକ ମୁକାବିଲା ହୋଇଥିଲା। ଏହି ସିରିଜ୍ ଖେଳିଥିବା ରାହୁଲ, ବୁମ୍‌ରା ଓ ଜାଡେଜା ଦଳକୁ ଫାଇଦାରେ ରଖିବେ ବୋଲି ଆଶା କରାଯାଉଛି।



### ଖେଳାଳି ତାଲିକା

**ଭାରତର ସମ୍ଭାବ୍ୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ୍ (ୱିକେଟ ରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ:** ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ ରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

### ଖେଳ ସମୟ

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

### ପିଚ୍ ଓ ରେକର୍ଡ

ଏଠାରେ ପିଚ୍ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ। ପିଚ୍‌ରେ ଘାସ ରହିଛି ଓ ଏହା ବୋଲରଙ୍କୁ ସୁହାଇବ। କିନ୍ତୁ ଏଠାରେ ପାଗ ଭଲ ରହିଛି। ଖେଳ ଆରମ୍ଭ ହେବା ପରେ ପିଚ୍ ନିଶ୍ଚିତଭାବେ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଏଠାରେ ଭାରତ ୭୮ ରନ୍‌ରେ ଆଉଟ ହୋଇଥିଲା। ଏଠାରେ ମଧ୍ୟ ଦଳ ୬୨୮ ରନ୍‌ର ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ଏଣୁ ଦଳ ପ୍ରଥମେ ବ୍ୟାଟିଂକୁ ଏଡାଇଗଲେ, ଫାଇଦାରେ ରହିବ। ଇଂଲଣ୍ଡରେ ଦୁଇଦଳ ଏଯାଏ ୬୭ଟି ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଭାରତ କେବଳ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗତ ସିରିଜ୍‌ରେ ଭାରତ ୨ଟି ଟେଷ୍ଟ ଜିତିଥିଲା। ଏଥର ସବୁ ନୂଆରେ ଖେଳୁଥିବା ଭାରତ କିଭଳି ଖେଳିବ ତାହା ପିଚ୍ ଓ ପରିବେଶ ଉପରେ ନିର୍ଭର କରୁଛି।



## ଉନ୍ମୋଚିତ ହେଲା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ଲଣ୍ଡନ, ୧୯।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଶୁକ୍ରବାରଠାରୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁଯାଉଛି। ଏହାର ଦିନକ ପୂର୍ବରୁ ଗୁରୁବାର ସିରିଜର ଟ୍ରଫି ଉନ୍ମୋଚିତ ହୋଇଛି। ଦୁଇ କିମ୍ବଦନ୍ତୀ କ୍ରିକେଟର୍ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଭାରତର ସଚିନ ତେନ୍ଦୁଲକରଙ୍କ ସମ୍ମାନାର୍ଥେ ଏଥର ଏହି ସିରିଜକୁ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ କ୍ରିକେଟର୍ ଉପସ୍ଥିତ ରହି ନିଜ ନାମରେ ନାମିତ ହୋଇଥିବା ଟ୍ରଫିକୁ ଉନ୍ମୋଚିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଖେଳୁଥିବା ଟେଷ୍ଟ ସିରିଜର ନାମ ପୂର୍ବତନ କ୍ରିକେଟର୍ ଏମ୍ଏକେ ପଟୌଦୀଙ୍କ ନାମରେ 'ପଟୌଦୀ ଟ୍ରଫି' ପ୍ରଦାନ କରାଯାଉଥିଲା। କିନ୍ତୁ ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥର ସିରିଜର ନାମକୁ ପରିବର୍ତ୍ତନ କରି ଆଣ୍ଡରସନ ଓ ତେନ୍ଦୁଲକରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସଚିନଙ୍କ ଅନୁରୋଧକ୍ରମେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଏହି ଟେଷ୍ଟ ସିରିଜର ବିଜୟୀ ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସଚିନ ଓ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ନିଜ ନିଜ ଦେଶ ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରି ଅବସର ନେଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୧ ଶତକ ଓ ୬୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ଆଣ୍ଡରସନ ୧୮୮ ଟେଷ୍ଟ ଖେଳି ୭୦୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର୍

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ସନ୍ତାନ ଅନନ୍ୟା ବାଙ୍ଗର ଟ୍ରାନ୍ସଜେଣ୍ଡର କ୍ରିକେଟ୍ ଖେଳାଳିଙ୍କୁ ସମର୍ଥନ କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି।



ଏଥିଲାଗି ଅନନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ସମର୍ଥନ ଜଣାଇବା ଲାଗି ଅପିଲ୍ ମଧ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ୮ ପୃଷ୍ଠା ସମ୍ବଳିତ ଏକ ସାଇଣ୍ଟିଫିକ୍ ରିପୋର୍ଟ ଶେୟାର କରି ଅନନ୍ୟା କହିଛନ୍ତି, 'ବୈଜ୍ଞାନିକ ଭାବେ ସେ ମହିଳା କ୍ରିକେଟ୍ ଖେଳିବାକୁ ବର୍ତ୍ତମାନ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଦୁନିଆ ଏହି ସତକୁ ସ୍ୱୀକାର କରିବା ଲାଗି ପ୍ରସ୍ତୁତ ଅଛି ତ।' ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ନିୟମ ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ମହିଳା କ୍ରିକେଟ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରାଯାଉନାହିଁ। ୨୦୨୩ ବିଶ୍ୱକପ୍ ସମୟରେ ବସିଥିବା ଆଇସିସି ବୋର୍ଡ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟ ଅନନ୍ୟା, ୧ ବର୍ଷ ଧରି ହର୍‌ମୋର୍ନ ରିପ୍ଲେସମେଣ୍ଟ ଥେରାପି ଜରିଆରେ ପୁରୁଷରୁ ମହିଳା ବନିଛନ୍ତି। ଏଥିଲାଗି ମାଞ୍ଚେଷ୍ଟର ମେଟ୍ରୋପଲିଟାନ୍ ବିଶ୍ୱବିଦ୍ୟାଳୟ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲା। ପୂର୍ବରୁ ସେ ପୁରୁଷ କ୍ରିକେଟ୍‌ରେ ବିଭିନ୍ନ ବୟସବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ମହିଳା ବନିବା ପରେ ସେ କ୍ରିକେଟ୍ ଟ୍ରେନିଂ ଜାରି ରଖିଛନ୍ତି।

### ■ ଆଜି ପ୍ୟାରିସ ଡାଏମଣ୍ଡ ଲିଗ୍

## ୮ ବର୍ଷ ପରେ ଭାଗନେବେ ନୀରଜ

ପ୍ୟାରିସ, ୧୯।୬ (ଏଜେନ୍ସି): ଭାରତୀୟ ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏଥିସହ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ନୀରଜ ଏହି ସମ୍ମାନଜନକ ଇଭେଣ୍ଟରେ ଭାଗନେବେ। ୨୭ ବର୍ଷୀୟ ନୀରଜ ଶେଷଥର ଲାଗି ୨୦୧୭ ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗିଥିଲେ। ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ନୀରଜ ଶୁକ୍ରବାର ଶ୍ରେଷ୍ଠ ପ୍ରଦର୍ଶନ କରି ସିଜନର ପ୍ରଥମ ମେଜର ଟାଇଟଲ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଏଥିପୂର୍ବରୁ ବର୍ଷ ଆରମ୍ଭରେ ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମିଟ୍‌ରେ ୮୪.୫୨ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣପଦକ ଜିତିଥିଲେ। କିନ୍ତୁ ଏହି ପ୍ରତିଯୋଗିତା ଏକ ମେଜର ଇଭେଣ୍ଟ ନ ଥିଲା। ତେବେ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟର ଶ୍ରେଷ୍ଠ ୯୦.୨୩ ମିଟର ଫିଙ୍ଗିଥିଲେ। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ଦୋହାରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଜର୍ମାନୀର ଜୁଲିଏନ୍ ୱେବର ଏହି ଇଭେଣ୍ଟରେ ୯୧.୦୬ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ତେଣୁ ନୀରଜ ପ୍ୟାରିସ ଡାଏମଣ୍ଡ ଲିଗ୍ ଉପରେ ନଜର ପକାଇଛନ୍ତି। ତେବେ ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଜର୍ମାନୀ ୱେବର୍‌ଙ୍କ ଭଳି ବିଶ୍ୱର ଶ୍ରେଷ୍ଠ-୬ଜଣ ଜାଭେଲିନ୍ ଫିଙ୍ଗାଳୀ ଏଥିରେ ଅଂଶଗ୍ରହଣ କରୁଥିବାରୁ ନୀରଜଙ୍କ ପାଇଁ ଏଠାରେ ବିଜୟୀ ହେବା କଷ୍ଟସାଧ୍ୟ ହେବ।



### ହକି ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଭୁବନେଶ୍ୱର, ୧୯।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନାଇରେ ଚାଲିଥିବା ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ଗୁରୁବାର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ତେବେ ଓଡ଼ିଶା ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବ ନିକଟରୁ ହାରିଯାଇଛି।

ହକି ମାଷ୍ଟର୍ସ କପ୍ ପୁରୁଷ ବିଭାଗରେ ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୬-୩ ଗୋଲ୍‌ରେ ଏକପାଖିଆ ଭାବେ ପୁଡୁଚେରୀକୁ ପରାସ୍ତ କରିଥିଲା। ଓଡ଼ିଶା ପାଇଁ ସାଣ୍ଟିଏଲ୍ ମୁଣ୍ଡୁ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲାଜରୁସ ବାର୍ଲା, ବେନାର୍ଡ ଲାକ୍ରା ଓ ଲଧୁ ଏକ୍କାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବିଜୟ ସହ ୩ ପଏଣ୍ଟ ପାଇଛି ଓଡ଼ିଶା। ଶୁକ୍ରବାର ପଞ୍ଜାବ ବିପକ୍ଷରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚ୍ ଖେଳିବ। ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା କିନ୍ତୁ ୧-୩ ଗୋଲ୍‌ରେ ପରାଜୟର ସାମ୍ନା କରିଛି। ଓଡ଼ିଶା ପାଇଁ ରଞ୍ଜିତା ବେକ୍ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଅବସରପ୍ରାପ୍ତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ ଦଳ ଅଂଶଗ୍ରହଣ କରିଛନ୍ତି।

## ବନ୍ଦ ହେବ କି ଆଇଏସ୍ଏଲ୍ !

ନୂଆଦିଲ୍ଲୀ,୧୯।୬ (ଏଜେନ୍ସି): ଭାରତର ଫୁଟବଲ ଖେଳର ପରିଚାଳନା କରୁଥିବା ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ୨୦୨୫-୨୬ କ୍ୟାଲେଣ୍ଡରରେ ଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)କୁ ସ୍ଥାନିତ କରାଯାଇ ନାହିଁ। ଏହା ଫଳରେ ଆଇଏସ୍ଏଲ୍‌ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦର୍ଶକ ସଂଖ୍ୟା କମିବା, ଆଶା ଅନୁଯାୟୀ ଆର୍ଥିକ ଲାଭ ନ ମିଳିବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟକୁ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ (ଏଫ୍ଏସ୍ଡିଏଲ୍) ଆରମ୍ଭ କରିଥିଲା। ୨୦୧୯ ବେଳକୁ ଏହା ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହୋଇଥିବା ମାଷ୍ଟର ରାଇଟସ ଏଗ୍ରିମେଣ୍ଟ (ଏମ୍ଆର୍ଏ) ଗତ ଡିସେମ୍ବରରେ ଶେଷ ହୋଇଥିଲା। ଏହା ଏଯାଏ ପୁନଃପଞ୍ଜିକରଣ ହୋଇ ନାହିଁ। ଏଥିଲାଗି ଗତ ଏପ୍ରିଲରେ ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟି ଏହାର ସମାଧାନ ଲାଗି ଏକ ୮ ଜଣିଆ ଟାସ୍କ ଫୋର୍ସ କମିଟି ଗଠନ କରିଥିଲା। କିନ୍ତୁ କମିଟି କୌଣସି ନିଷ୍ପତ୍ତିରେ ପହଞ୍ଚି ନାହିଁ। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଆଇଏଫ୍ଏଫ୍ ଦ୍ୱାରା ଘୋଷିତ କ୍ୟାଲେଣ୍ଡରରେ ଆଇଏସ୍ଏଲକୁ ସ୍ଥାନ ନ ମିଳିବା ଫଳରେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।



### ଡବ୍ଲ୍ୟୁବିବିଏଲ୍ ଖେଳାଳି ଡ୍ରାଫ୍ଟ

## ଜେମିମାଙ୍କୁ ବଜାୟ ରଖିଲା ବ୍ରିସ୍‌ବେନ୍

ମେଲ୍‌ବୋର୍ଣ୍ଣ, ୧୯।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସିଜନ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖେଳାଳି ଡ୍ରାଫ୍ଟ ଜରିଆରେ ବିଭିନ୍ନ ଫ୍ରାଞ୍ଚାଇଜ ସେମାନଙ୍କ ଦଳ ପ୍ରସ୍ତୁତ କରିଛନ୍ତି। ଡବ୍ଲ୍ୟୁବିବିଏଲ୍-୧୧ ଲାଗି ମୋଟ୍ ୨୩ ଜଣ ବିଦେଶୀ ମହିଳା କ୍ରିକେଟର୍‌ଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ଜେମିମା ରୋଡ୍ରିଗ୍ୱେଜ ରହିଛନ୍ତି। ବ୍ରିସବେନ୍ ହିଟ୍ ଦଳ ଜେମିମାଙ୍କୁ କ୍ରମାଗତ ଦ୍ୱିତୀୟ ସିଜନ ଲାଗି ଦଳରେ ସାମିଲ କରିଛି। ଡ୍ରାଫ୍ଟ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ମେଲ୍‌ବୋର୍ଣ୍ଣ ଷ୍ଟାର୍ସ ଜେମିମାଙ୍କୁ ନେଇଥିଲା। କିନ୍ତୁ ବ୍ରିସବେନ୍ ହିଟ୍ 'ରିଟେନସନ କାର୍ଡ' ବ୍ୟବହାର କରି ଜେମିମାଙ୍କୁ ଦଳରେ ରଖିବାରେ ସଫଳ ହୋଇଥିଲା। ଜେମିମା ଗତବର୍ଷ ଡବ୍ଲ୍ୟୁବିବିଏଲ୍‌ରେ ବ୍ରିସବେନ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ଥିଲେ। ସେ ୧୩୯ ଷ୍ଟ୍ରାଇକରେଟ୍‌ରେ ୨୬୭ ରନ ସଂଗ୍ରହ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁରୁବାର ଡ୍ରାଫ୍ଟ ଜରିଆରେ ବିଭିନ୍ନ ଦଳରେ ସାମିଲ ହୋଇଥିବା ୨୩ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଇଂଲଣ୍ଡର ସର୍ବାଧିକ ୧୨ଜଣ, ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ରହିଛନ୍ତି।



### ପାଥୁମ ନିଶାଙ୍କାଙ୍କ ଶତକ

## ଶ୍ରୀଲଙ୍କାର ଦୃଢ଼ ଜବାବ

ଗଲ,୧୯।୬ (ଏଜେନ୍ସି):

ଓପନର ପାଥୁମ ନିଶାଙ୍କାଙ୍କ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଦିନେଶ ଚାଣ୍ଡିମଲଙ୍କ ସହ ୧୫୭ ରନ୍‌ର ଶତକୀୟ ଭାଗୀଦାରି ବଳରେ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଦୃଢ଼ ଜବାବ ଦେଇଛି। ଏହି ଟେଷ୍ଟର ପ୍ରଥମ ପାଳିରେ ନାଜମୋଲ ହୋସେନ ସାଣ୍ଟୋଙ୍କ ୧୪୮ ଓ ମୁସ୍‌ଫିକର ରହିମଙ୍କ ୧୬୩ ରନ୍ ବଳରେ ବାଂଲାଦେଶ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କାଙ୍କ ୧୮୭ ରନ୍‌ର ମାଷ୍ଟର ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୩୬୮ ରନ୍ ସଂଗ୍ରହ କରିଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୩୭ ଓ ଧନଞ୍ଜୟ ଡି ସିଲ୍‌ଭା ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଉଦାରା ୨୯, ଦିନେଶ ଚାଣ୍ଡିମାଲ ୫୪ ଏବଂ କ୍ୟାରିୟର ଶେଷ ଟେଷ୍ଟ ଖେଳୁଥିବା ଆଞ୍ଜେଲୋ ମାଥ୍ୟୁସ ୩୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଇଜୁଲ ଇସ୍‌ଲାମ, ନଇମ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବାଂଲାଦେଶ ୯ ୱିକେଟରେ ୪୮୪ ରନ୍‌ରୁ ଖେଳ ଆରମ୍ଭ କରି ଆଉ ୧୧ ରନ୍ ଯୋଗ କରିବା ପରେ ୪୯୫ ରନ୍‌ରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ମିଲନ ପ୍ରିୟନାଥ ଓ ଥାରିନ୍ଦୁ ରତନାୟକେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



### ■ ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ଆକ୍ରମଙ୍କୁ ହରାଇଲେ ସିଂଘାଲ

ଭୁବନେଶ୍ୱର,୧୯।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ରାଜ୍ୟ କନିଷ୍ଠ ଚାମ୍ପିଅନ ବିଶେଷ ସିଂଘାଲ ୩-୧ରେ ବରିଷ୍ଠ ଖେଳାଳି ଆକ୍ରମ ଖାନ୍‌ଙ୍କୁ ହରାଇ ପ୍ରଥମ ଦିନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ଜ୍ଞାନ ଦାସ ମଧ୍ୟ ସୁନ୍ଦର ଖେଳ ପ୍ରଦର୍ଶନ କରି ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମୁକାବିଲାରେ ସେ ୩-୦ରେ ଆରୋନ ଆନିୟାନଙ୍କୁ ଓ ଦ୍ୱିତୀୟ ମୁକାବିଲାରେ ଅବିନାଶ ମହାପାତ୍ରଙ୍କୁ ମଧ୍ୟ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ମହାନ୍ତିଙ୍କୁ ଉଦ୍‌ଭାସ ମହାପାତ୍ର, ଜଗଦୀଶ ମହାନ୍ତିଙ୍କଚ କୁନାଲ ଅଗରୱାଲ, ଡକ୍ଟର ଅତନୁ ନାୟକଙ୍କୁ ନିଶି ଦାସ, ଅଶିତ୍ ଚୌଧୁରୀଙ୍କୁ ସତ୍ୟଦୀପ ଦାସ, ଚିରଞ୍ଜୀବ ସିଂହଙ୍କୁ ନିଶାନ୍ତ ବିଶ୍ୱାଳ, ଅମିୟ ରଞ୍ଜନ ନାୟକଙ୍କୁ ଶାରଦା ବେହେରା ଓ ମିଶାଲ ସ୍ୱାଇଁଙ୍କୁ ସିଦ୍ଧାର୍ଥ ସେନ୍ ପରାସ୍ତ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।



ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖଯାଏ ଚାଲିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS